ମାଆ ଠାରୁ ଛୁଆ ବଡ଼

ଡକ୍ଟର କୃତ୍ତିବାସ ନାୟକ

Source: Author, Digitized by PPRACHIN, SOA

ମାଆଠାରୁ ଛୁଆ ବଡ଼

ଡକ୍ଟର କୃତ୍ତିବାସ ନାୟକ

ଗଜପତି

Source: Author, Digitized by PPRACHIN, SOA

ସୂଚୀପତ୍ର

ବିଷୟ	ପୃଷ୍ଠା
ମାଆଠାରୁ ଛୁଆ ବଡ଼	୩
ପଶୁ-ପକ୍ଷୀ ବୁଝିଲେ	୮
ତପସ୍ୱୀ ହାତୀ	୧୩
ତରଭୁଜ ଓ ବରଫଳ କଥା	୧୮
ହରିଣ-କୁକୁର କଥା	୨୫
ମୟୂର ରଜା	୩୧
ଅହଂକାରୀ ସିଂହ	୩୬

ମାଆଠାରୁ ଛୁଆ ବଡ଼

ଡକ୍ଟର କୃତ୍ତିବାସ ନାୟକ

ପ୍ରକାଶକ :
ଗଜପତି
ବାଇମୁଣ୍ଡି ମାର୍ଗ
ଡଗରପଡ଼ା
କଟକ-୭୫୩୦୦୨

ପ୍ରଥମ ପ୍ରକାଶ : ୨୦୨୨

ଅକ୍ଷରସଜ୍ଜା :
ମାମୁନୀ ଡି.ଟି.ପି.
ତୁଳସୀପୁର, କଟକ

ମୁଦ୍ରଣ :
ଜଗନ୍ନାଥ ପ୍ରୋସେସ୍ ପ୍ରା.ଲି.
କଟକ-୨

ମୂଲ୍ୟ : ଟ. ୬୦.୦୦

Source: Author, Digitized by PPRACHIN, SOA

ମାଆଠାରୁ ଛୁଆ ବଡ଼

ଗୋଟିଏ ବଡ଼ ଜଙ୍ଗଲ ଥାଏ । ଜଙ୍ଗଲ ଭିତରେ ଗୋଟିଏ ବୁଦା ମୂଳେ ଛେଳି ପରିବାରଟିଏ ରହୁଥାଆନ୍ତି । ଛେଳିମାନେ ସକାଳୁ ଚରିବାକୁ ବାହାରି ଯାଆନ୍ତି । ଘାସ, ପତର ଖାଇ ସେମାନେ ସଞ୍ଜ ବେଳକୁ ସେହି ବୁଦା ମୂଳକୁ ଫେରିଆସି ଆରାମରେ ରହନ୍ତି । ଜଙ୍ଗଲର ବାଘକୁ ସେମାନଙ୍କର ଭାରି ଡର । ସେହି ବୁଦାଠାରୁ ଅଳ୍ପ ଦୂରରେ ଗୋଟିଏ ଗୁମ୍ଫା ଥାଏ । ସେହି ଗୁମ୍ଫା ଭିତରେ ବାଘ, ବାଘୁଣୀଙ୍କ ସହିତ ତାଙ୍କର ଦୁଇଟି କୁନି କୁନି ଛୁଆ ବି ରହୁଥାଆନ୍ତି ।

ବାଘ ବାଘୁଣୀ ଦୁହେଁ ଜଙ୍ଗଲରେ ବୁଲି ଶିକାର କରନ୍ତି । ଠେକୁଆ, ବିଲୁଆ, ଛେଳି ଓ ହରିଣମାନଙ୍କୁ ମାରି ସେମାନେ ଖାଆନ୍ତି । ଛୁଆମାନଙ୍କ ପାଇଁ ଶିକାରକୁ ଟାଣି ଟାଣି ଆଣି ଗୁମ୍ଫା ପାଖରେ ରଖନ୍ତି । ଛେଳିମାନଙ୍କ ମଧ୍ୟରୁ ଯିଏ ବୁଢ଼ା ହେଇଯାଏ କି ଦୁର୍ବଳ ହେଇଯାଏ ସେ ବାଘ ହାବୁଡ଼ରେ ପଡ଼ିଯାଏ । ଧୀରେ ଧୀରେ ବାଘ ଶିକାରରେ ଛେଳି ପରିବାରଟି ଛୋଟ ହେଇଗଲା । ଶେଷରେ ଗୋଟିଏ ମାଆ ଛେଳି ଆଉ ତା'ର କୁନିଛୁଆଟିଏ ବଞ୍ଚି ରହିଥିଲେ । ମାଆ ଛେଳି ସବୁଦିନ ତା' ଛୁଆକୁ ବୁଦାମୂଳେ ଲୁଚେଇ ଦେଇ ଜଙ୍ଗଲ ଭିତରକୁ ଚରିବାକୁ ଯାଏ । ତା' ସାଙ୍ଗରେ ଛୁଆଟା ଯିବାକୁ ଜିଦ୍ ଧରି କାନ୍ଦେ ।

ମାଆ ଛେଳି ତାକୁ ବୁଝେଇ ଦେଇ କହିଥିଲା- "ବାପାରେ, ଗୋଟାଏ ଦୁଷ୍ଟବାଘ ଏ ଜଙ୍ଗଲରେ ବୁଲୁଛି । ସେ ତୋତେ ଦେଖିଲେ ଝାମ୍ପି ନେଇଯିବ । ତୁ ଏହି ବୁଦାମୂଳେ ଚୁପ୍‌ଚାପ୍ ଲୁଚି ରହିଥିବୁ । ମୁଁ ଆସିବାଯାଏ ମେଁ-ମାଁ ଶବ୍ଦ କରିବୁ ନାହିଁ । ମୁଁ ଚରିବୁଲି ଫେରିଲେ, ତୋତେ ପେଟଭରି କ୍ଷୀର ଖାଇବାକୁ ଦେବି । ବଡ଼ ହେଇଗଲେ, ତୋର ବଳ ବଢ଼ିଯିବ । ସେତେବେଳେ ତୁ ମୋ ସାଙ୍ଗରେ ଜଙ୍ଗଲକୁ ଚରିବାକୁ ଯିବୁ । ବିପଦ ପଡ଼ିଲେ, ଜୋର୍‌ରେ ଦୌଡ଼ି ପାରିବୁ । ସେତେଦିନ ଯାଏ ତୁ ଥୟ ଧରି ଏଇ ବୁଦା ମୂଳେ ଲୁଚି ରହିଥା' ।"

Source: Author, Digitized by PPRACHIN, SOA

ମାଆର କଥାଟା ଛେଳିଛୁଆର ମନକୁ ପାଇଲା ନାହିଁ । ସେ କେତେ କ'ଣ ଭାବିଲା । ମାଆ ଛେଳି ଚରିବାକୁ ଯିବାପରେ ସେ ମନକୁ ମନ କହିଲା- "ମୁଁ ତ କାହାରି କେବେ କିଛି କ୍ଷତି କରି ନାହିଁ । ମୋତେ ବାଘ ମାରିବ କାହିଁକି ? ମୋ ଭଳି ତାଙ୍କର ବି କୁନିକୁନି ଛୁଆ ଥିବେ । ସେ କାହିଁକି ମୋତେ ଝାମ୍ପି ନେଇଯିବ ? ମୋ ମାଆ ମିଛରେ ଡରି ସେମିତି କହି ଦେଉଥିବ ।"

ସେ ବାଘଟା କେମିତି ? ତାକୁ ଦେଖିବାକୁ ଛେଳିଛୁଆର ଭାରି ଇଚ୍ଛା ହେଲା । ସେ ମନରେ ସାହସ ବାନ୍ଧି ବୁଦା ମୂଳରୁ ବାହାରି ଜଙ୍ଗଲରେ ବୁଲିଲା । ସେତିକିବେଳେ ବାଘୁଣୀ ସେଇଠି ଆସି ପହଞ୍ଚିଗଲା । ଛେଳିଛୁଆ ତାକୁ ଦେଖି ମୋଟେ ଡରିଲା ନାହିଁ ।

ତା' ପାଖକୁ ଛେଳିଛୁଆଟା ଚାଲିଯାଇ କହିଲା- "ମାଆ ! ମୋତେ ତମେ ଝାମ୍ପି ନେବ ନାହିଁ। ମୁଁ ପରା ତମ କୁନିଛୁଆ ପରି ଛୋଟପିଲା। ମୋତେ ଟିକେ ଗେଲ କରିଦେଇ ଯା' ।"

ଛେଳିଛୁଆର ଗୁଲୁଗୁଲିଆ ମିଠାକଥା ଶୁଣି ବାଘୁଣୀ ଭାବିଲା- ଏଡ଼େ ବକଟେ ଛୁଆଟାକୁ ମାରି ଖାଇଲେ ତ ମୋ କଳକୁ ଲାଗିବ ନାହିଁ । ମୋତେ ସେ ପ୍ରଥମେ ମାଆ ବୋଲି ଡାକି ସାରିଲାଣି । ମୋ ଛୁଆ ଭଳି ଇଏ ବି

Source: Author, Digitized by PPRACHIN, SOA

ଗୋଟିଏ ଟିକିଛୁଆ । ତାକୁ ମାରିଲେ ମୋତେ ଖାଲି ପାପ ଲାଗିବ । ତା' ମାଆ ବି ପାଖରେ ନାହିଁ । ଛୁଆଟାକୁ ଭୋକ ଲାଗୁଥିବ । ତାକୁ ଢୋକେ କ୍ଷୀର ଖୋଇଦେଲେ ଭଲ ହେବ ।

ସେ ଛେଳିଛୁଆ ପାଖକୁ ଯାଇ କହିଲା- "ହଉରେ ପୁଅ ! ଆ, ମୋ'ଠାରୁ ଢୋକେ କ୍ଷୀର ପିଇଦେଇ ଯା', ସେହି ବୁଦା ମୂଳେ ଲୁଚି ରହିବୁ । ଜଙ୍ଗଲରେ ବହୁତ ଦୁଷ୍ଟ ପଶୁ ଅଛନ୍ତି, ସେମାନେ ଏକୁଟିଆ ଦେଖିଲେ, ତୋତେ ଧରି ଖାଇଯିବେ ।"

ଛେଳିଛୁଆକୁ ତ ଭୋକ ଲାଗୁଥିଲା । ସେ ବାଘ ପହ୍ନାରେ ମୁହଁ ଲଗେଇ ମନଭରି ପେଟେ କ୍ଷୀର ପିଇଲା । କ୍ଷୀର ପିଇସାରି କହିଲା- "ବାଘ ମାଆ, ତମେ ବହୁତ ଭଲ ମାଆ । ମୋ ମାଆଠାରୁ ବି ଭଲ । ମୋ ମାଆ ମୋତେ ଢୋକେ କି ଦି'ଢୋକ କ୍ଷୀର ପିଇବାକୁ ଦେଇ ଡେଇଁ ପଡ଼େ । ମୋ ପେଟ ମୋଟେ ପୂରେ ନାହିଁ । ମୁଁ ଆଜିଠାରୁ ତମରି ସାଙ୍ଗରେ ରହିବି । ତମ ପୁଅ ଝିଅଙ୍କ ସହିତ ମିଶି ଖେଳିବି । ଏବେ ମୋତେ ତମ ଘରକୁ ନେଇଚାଲ । ମୁଁ ତମ ସାଙ୍ଗରେ ରହିଲେ, ସାହସୀ ହେବି । ଜଙ୍ଗଲରେ ଥିବା ଦୁଷ୍ଟ ପଶୁମାନଙ୍କୁ ମୋଟେ ଡରିବି ନାହିଁ ।"

ଛେଳିଛୁଆର କଥା ବାଘୁଣୀକୁ ବହୁତ ଭଲ ଲାଗିଲା । ସେ ତାକୁ ସାଙ୍ଗରେ ନେଇ ଗୁମ୍ଫା ଦୁଆରେ ଠିଆ କରେଇ ଦେଲା । ତା'ର ଛୁଆମାନଙ୍କୁ ଡାକି କହିଲା- "ଏ ହେଉଛି, ତମର ଗୋଟିଏ ନୂଆଭାଇ । ତମେ ମିଳିମିଶି ରହିବ । ସାଙ୍ଗ ହେଇ ଖେଳିବ । ମାଡ଼ଗୋଳ ଲାଗିବ ନାହିଁ । ସିଏ ବଣରେ ବୁଲି ଘାସ ପତର ଖାଇବ । ମୁଁ ଶିକାର ଆଣିଦେଲେ, ତମେ ମାଂସ ଖାଇବ । ତେଣୁ ତମେ ତା' ସହିତ ଝଗଡ଼ା କରିବ ନାହିଁ । ତମର ତ ଶିଙ୍ଗ ଉଠିବ ନାହିଁ । ଏ ଛୁଆଟି ବଡ଼ ହେଲେ, ତା'ର ଦୁଇଟା ଶିଙ୍ଗ ଉଠିବ । ସେ ତା'ର ଗୋଜିଆ ଗୋଜିଆ ଶିଙ୍ଗ ଦେଖାଇ ଅନ୍ୟ ପଶୁମାନଙ୍କୁ ଡରେଇ ତମକୁ ବିପଦରୁ ରକ୍ଷା କରିବ ।"

Source: Author, Digitized by PPRACHIN, SOA

ବାଘୁଣୀର କଥା ଶୁଣି ବାଘଛୁଆ ଦୁହେଁ ଭାରି ଖୁସି ହେଇଗଲେ । ତାକୁ ଗୁମ୍ଫା ଭିତରକୁ ନେଇଗଲେ । ଛେଳିଛୁଆଟି ବାଘଛୁଆଙ୍କ ସହିତ ମିଶି ବାଘୁଣୀଠାରୁ କ୍ଷୀର ପିଇ ବଳୁଆ ହେଇଗଲା । ଟିକେ ବଡ଼ ହେଇ ଯିବାରୁ ସେ ପଦାରେ ବୁଲି ଘାସ, ପତର ଖାଇଲା ।

କିଛିଦିନ ପରେ ଛେଳିଛୁଆର ଦୁଇଟା ଗୋଜିଆ ଗୋଜିଆ ଶିଙ୍ଗ ଉଠିଲା । ଲମ୍ବା ଲମ୍ବା ଲୋମ ଉଠି ତା' ଦେହକୁ ଢାଙ୍କି ପକେଇଲା । ଓଠରେ ଲମ୍ବା ଦାଢ଼ି ଓହଳିଲା । ଦୂରରୁ ସେ ଗୋଟାଏ ବଣଭାଲୁ ପରି ଦିଶୁଥିଲା । ଚାଲିଗଲା ବେଳକୁ ତା' ଗୋଡ଼ରୁ ଠପ୍ ଠପ୍ ଶବ୍ଦ ବାହାରୁଥାଏ । ଏବେ ତାକୁ ସମସ୍ତେ ବୋଦା ବୋଲି ଡାକିଲେ । ଏଣେ ବାଘଛୁଆମାନେ ବଡ଼ହେଇ ଶିକାର କରିବା ଶିଖିଗଲେ । ସେମାନେ ମିଳିମିଶି ନିର୍ଭୟରେ ଜଙ୍ଗଲ ସାରା ଖେଳାବୁଲା କରି ମଜାରେ ରହୁଥା'ନ୍ତି । ବାଘ ଗୁମ୍ଫାରେ ଛେଳିଛୁଆଟା ରହୁଥିବାରୁ ଅନ୍ୟ ପଶୁମାନେ ଛେଳିଛୁଆକୁ ମଧ୍ୟ ଡରୁଥିଲେ । ତାକୁ କେହି ଶିକାର କରିବାକୁ ସାହସ କଲେ ନାହିଁ ।

ଦିନେ ବାଘଛୁଆ ଦୁଇଜଣ ଶିକାର କରିବାକୁ ଜଙ୍ଗଲ ଭିତରକୁ ଚାଲିଯାଇଥା'ନ୍ତି । ବୋଦାଟି ଏକୁଟିଆ ଗୋଟାଏ ବୁଦାମୂଳେ ଘାସ, ପତର ଖାଉଥାଏ । ସେ ଦେଖିଲା, ଦୂରରେ ତାହାରି ପରି ଗୋଟାଏ ଛେଳି ଘାସ ଚରୁଛି । ସେ ତା' ପାଖକୁ ଯାଇ ଚିହ୍ନିଲା । ସେ ତା'ର ମାଆ । ବହୁତ ଦିନପରେ ହଜି ଯାଇଥିବା ଛୁଆକୁ ପାଖରେ ପାଇ ତା' ମାଆ ଭାରି ଖୁସି ହେଲା । ବୋଦାଟି କେମିତି ଏଠିକି ଆସି କେମିତି ବାଘ ପାଖରେ ରହିଛି, ସବୁକଥା ଖୋଲି କହିଦେଲା । ମାଆଛେଳି ତାକୁ ଗେଲ କରି ବହୁତ କାନ୍ଦିଲା । ତାକୁ ସାଙ୍ଗରେ ନେଇ ପଳାଇ ଯିବାକୁ ଚାହିଁଲା ।

ବୋଦା କହିଲା- "ମାଆ, ତମରି ପରି ମୋର ଆଉ ଗୋଟିଏ ବାଘ ମାଆ ଏଇ ଗୁମ୍ଫାରେ ରହେ । ସେ ଭାରି ଦୟାଳୁ । ମୋତେ କ୍ଷୀର ଖୋଇ ଏତେ ବଡ଼ କରିଛି । ଏବେ ବି ସେ ମୋତେ ବହୁତ ଭଲପାଏ । ମୋ ଦେହକୁ ଚାଟିଦେଇ ଗେଲ କରେ । ମୁଁ ଏଇଠୁ ଚାଲିଗଲେ, ସେ ନିଶ୍ଚୟ

Source: Author, Digitized by PPRACHIN, SOA

କାନ୍ଦିବ । ଆସ ସେ ଗୁମ୍ଫାକୁ ଯିବା । ମୁଁ ସେ ବାଘମାଆ ସହିତ ତୋତେ ପରିଚିତ କରେଇଦେବି । ମୋର ଦୁଇଟା ବାଘଛୁଆ ଭାଇ ଅଛନ୍ତି, ତାଙ୍କୁ ବି ତୁ ଦେଖିବୁ । ଆମେ ସମସ୍ତେ ମିଶି ସେଇ ଗୁମ୍ଫାରେ ରହିବା । ତୋତେ ଆଉ ଏତେ ଡରି ମରି ବୁଦାରେ ଲୁଚି ରହିବାକୁ ପଡ଼ିବ ନାହିଁ ।"

ବାଘ-ବାଘୁଣୀଙ୍କ ନାଆଁ ଶୁଣି ମାଆଛେଳି ଛାନିଆ ହୋଇଗଲା । ସେ ଗୁମ୍ଫାକୁ ଯିବାକୁ ରାଜି ହେଲା ନାହିଁ । କହିଲା- "ବାଘ ହେଉଛି, ଆମମାନଙ୍କର ବଡ଼ ଶତ୍ରୁ । ସେ ଦେଖିଲେ, ମୋତେ ମାଡ଼ିବସି ତଣ୍ଟିକୁ ଫୁଟେଇ ରକ୍ତ ପିଇଯିବ । ମୁଁ ତା' ଆଗକୁ ମୋଟେ ଯିବି ନାହିଁ । ତୁ ନ ଗଲେ ନାହିଁ, ମୁଁ ଏକୁଟିଆ ମୋ ଘରକୁ ଫେରିଯିବି ।"

ବୋଦା କହିଲା- "ମାଆ, ତୁ ମୋଟେ ଭୟ କରନା । ତୁ ମୋର ମାଆ ବୋଲି ଜାଣିଲେ, ବାଘମାଆ ତୋତେ ମୋଟେ ମାରିବ ନାହିଁ। ତା'ର ଛୁଆମାନେ ତୋତେ ବି ମାଆ ବୋଲି ଡାକିବେ । ଥରେ ମୋ ସାଙ୍ଗରେ ସେଠିକି ଚାଲ । ଦେଖିବୁ ସେମାନେ ତୋତେ କେମିତି ଭଲ ପାଇବେ ।"

ସତକୁ ସତ ପୁଅର କଥା ମାନି ମାଆ ଛେଳି ଗୁମ୍ଫା ପାଖକୁ ଗଲା । ବାଘୁଣୀ ତା'ର ପରିଚୟ ପାଇ ଖୁସି ହେଲା । ତାଙ୍କ ସହିତ ମିଶି ଗୁମ୍ଫାରେ ରହିବାକୁ କହିଲା । ବାଘଛୁଆମାନେ ତାକୁ ବି ମାଆ ବୋଲି ଡାକିଲେ । ମାଆଛେଳି ଯାହା ଭାବି ନ ଥିଲା ତାହା ହିଁ ହେଲା । ସମସ୍ତେ ମିଳିମିଶି ମଜାରେ ରହିଲେ । ବାଘ ଭୟରେ ଛେଳିକୁ ଆଉ କେହି ମାରିବାକୁ ସାହସ କଲେ ନାହିଁ ।

ଦିନେ ମାଆ ଛେଳି ବୋଦାକୁ ଏକୁଟିଆ ଡାକି କହିଲା- "ସତରେ ତୁ ମୋର ଛୁଆହୋଇ ମୋଠାରୁ ବଡ଼ ହେଇ ଯାଇଛୁ । ତୋର ସାହସ ଆଉ ବୁଦ୍ଧି ପାଇଁ ମୁଁ ଆଜି ଏଇଠି ନିର୍ଭୟରେ ଚରାବୁଲା କରିପାରୁଛି । ତୋ ପରି ସାହସୀ ପୁଅ ସମସ୍ତଙ୍କ ଘରେ ଜନ୍ମ ହୁଅନ୍ତୁ ।"

■■■

Source: Author, Digitized by PPRACHIN, SOA

ପଶୁ-ପକ୍ଷୀ ବୁଝିଲେ

ଥରେ ଭଗବାନ୍ ପୃଥିବୀ ଭ୍ରମଣରେ ଆସିଥିଲେ । ତାଙ୍କର ଇଚ୍ଛା ଥିଲା- ପୃଥିବୀରେ ବସବାସ କରୁଥିବା ପଶୁପକ୍ଷୀ, କୀଟପତଙ୍ଗମାନଙ୍କ ସହିତ ମିଶିବେ । ତାଙ୍କର ଅଭାବ ଅସୁବିଧା କଥା ତାଙ୍କ ମୁହଁରୁ ଶୁଣିବେ । ଦରକାର ପଡ଼ିଲେ, ତାଙ୍କର ଦୁଃଖ ଦୂର କରିବେ । ଯାହା ଯାହା ଦରକାର ତାକୁ ସଙ୍ଗେ ସଙ୍ଗେ ଦେଇଦେବେ । ସେ ଠିକ୍ କରିଥିଲେ, ମଣିଷମାନଙ୍କୁ ମୋଟେ ଦେଖାକରିବେ ନାହିଁ। କାରଣ, ମଣିଷର ବୁଦ୍ଧି, ଜ୍ଞାନ ଓ ବିବେକ ଅଛି । ସେମାନେ ନିଜର ଉପସ୍ଥିତ ବୁଦ୍ଧି ବଳରେ ଦରକାରୀ ଜିନିଷକୁ ସଂଗ୍ରହ କରିପାରୁଛନ୍ତି । ଦରକାର ପଡ଼ିଲେ ନିଜର ସୁଖ ପାଇଁ ବିଭିନ୍ନ ଜିନିଷ ତିଆରି କରିପାରୁଛନ୍ତି । କଥାବାର୍ତ୍ତା କରି ନିଜର ସୁଖ-ଦୁଃଖକୁ ଅନ୍ୟକୁ ଜଣାଇପାରୁଛନ୍ତି । ମିଛକଥା କହି ଅନ୍ୟକୁ ଠକେଇ ଦେଇପାରୁଛନ୍ତି । ଛଳନା କରିବା ମଣିଷ ହିଁ ଜାଣେ । ଅନ୍ୟକୁ ହଇରାଣ କରି ସେ କଷ୍ଟ ଦେଇପାରୁଛି । ତେଣୁ ମଣିଷର କଥା ସେ କିଛି ଶୁଣିବେ ନାହିଁ ।

ପଶୁ-ପକ୍ଷୀମାନେ ତ ସେଭଳି କରିପାରନ୍ତି ନାହିଁ । ତାଙ୍କର ମନକଥା ଜାଣି ଦରକାରୀ ଜିନିଷି କିଛି ଦେବାକୁ ଭଗବାନ୍ ଇଚ୍ଛା କରିଥିଲେ । ଭଗବାନ୍ ପୃଥିବୀକୁ ଆସିଛନ୍ତି, ଏ ଖବର ପାଇ ପଶୁ-ପକ୍ଷୀମାନେ ସେ ଜାଗାରେ ଠୁଳ ହେଇଗଲେ । ସେମାନେ ନିଜ ନିଜ ନେତାମାନଙ୍କୁ ଭଗବାନ୍‌ଙ୍କ ସହିତ କଥା ହେବାପାଇଁ ପଠାଇଲେ ।

ପ୍ରଥମେ କୁକୁର ନେତା ଭାଲୁଆ ଭଗବାନ୍‌ଙ୍କୁ କହିଲା- "ପ୍ରଭୁ, ଆପଣଙ୍କ ସୃଷ୍ଟିରେ ସମସ୍ତ ପ୍ରାଣୀ ସମାନ ହେବାକଥା । କିନ୍ତୁ ଆପଣ ଆମ ପ୍ରତି ଘୋର ଅବିଚାର କରିଛନ୍ତି । କାହାକୁ ମେଞ୍ଚାଏ ତ କାହାକୁ କେଞ୍ଚାଏ ଦେଇଛନ୍ତି ।

Source: Author, Digitized by PPRACHIN, SOA

ଦେଖନ୍ତୁ ଅନ୍ୟ ପଶୁମାନଙ୍କ ତୁଳନାରେ ଆମର କେତେ ଛୋଟ ଲାଞ୍ଜ । ସେଇଟା ପୁଣି ବଙ୍କା ।”

କୁକୁରର କଥା ସରିଛି କି ନାହିଁ, ହାତୀ ତା’ର ପ୍ରତିବାଦ କରି କହିଲା- “ଭଗବାନ୍ ହେଉଛନ୍ତି ଆମ ସମସ୍ତଙ୍କର ପରମପିତା । ସେ ସମସ୍ତଙ୍କ ମନକଥା ବୁଝନ୍ତି । ଯାହାର ଯାହା ଦରକାର ସେକଥା ବିଚାର କରି ତାକୁ ଯୋଗାଇ ଦେଇଛନ୍ତି । କୁକୁରକୁ ବଡ଼ ଲାଞ୍ଜ ଦେଲେ, ସେ କରିବ କ’ଣ ? ମୋର ଏତେ ବଡ଼ ଦେହକୁ ତ ପୁଣି ସେ ଛୋଟିଆ ଲାଞ୍ଜଟି ଦେଇଛନ୍ତି। କାହିଁ କିଛି ଅସୁବିଧା ତ ହେଉ ନାହିଁ । ତେଣୁ କୁକୁରର ନିବେଦନ ଅଯଥା ।”

ହାତୀର କଥା ଶୁଣିସାରି ପକ୍ଷୀମାନଙ୍କର ନେତା ଚିଲ ଗୋଟାଏ ଗଛ ଡାଳରେ ବସି କହିଲା- “ପ୍ରଭୁ ! ଆପଣ ପଶୁମାନଙ୍କୁ ଚାରିଟା ଲେଖାଏଁ ଗୋଡ଼ ଦେଇଛନ୍ତି । ବିରାଟ ଶରୀର ବି ଦେଇଛନ୍ତି । ସେମାନଙ୍କର ବଳ ବହୁତ ବେଶି । ସେମାନେ ଅନ୍ୟକୁ ମାରି ଖାଇଯାଉଛନ୍ତି । ଏସବୁ ତ ଆପଣଙ୍କ ଦାନ । କିନ୍ତୁ ଆପଣ ପକ୍ଷୀମାନଙ୍କ ପାଇଁ ଏତେ ଉଦାର ନୁହନ୍ତି । ଆମକୁ ଦୁଇଟି ଗୋଡ଼, ଦୁଇଟି ଡେଣା ଆଉ ଗୋଟିଏ ଥଣ୍ଟ ଦେଇଛନ୍ତି । ସେଥିରେ ଆମେ ବଡ଼ କଷ୍ଟରେ ଚଳୁଛୁ । ଆପଣ ଏହାର ସୁବିଚାର କରିବେ ।”

ସରୀସୃପମାନଙ୍କର ନେତା କୁମ୍ଭୀର ପାଣି ଭିତରେ ଥାଇ ସମସ୍ତଙ୍କ କଥା ଶୁଣୁଥିଲା । ସେ କହିଲା- “ହଇରେ ଚିଲ, ତୁ ତ ଭାରି କୁହାଳିଆ ହେଇଗଲୁଣି । ତୁ ଏମିତି ଭୁଲ କଥାଟା କେମିତି ଭଗବାନ୍ଙ୍କ ଆଗରେ କହୁଛୁ ? ଭଗବାନ୍ ପକ୍ଷୀମାନଙ୍କୁ ଡେଣା ଦେଇଥିବାରୁ ତମେମାନେ ଯାଇ ଆକାଶରେ ଉଡ଼ିପାରୁଛ । ଯେଣିକି ଇଚ୍ଛା ତେଣିକି ଅଳ୍ପ ସମୟରେ ଯାଇ ପାରୁଛ । ଆକାଶରେ ଉଡ଼ିବାର ମଜା ଆଉ କେଉଁ ପଶୁ କି ସରୀସୃପ ପାଇ ପାରୁଛନ୍ତି କି ?

Source: Author, Digitized by PPRACHIN, SOA

ଆମ କଥା କେବେ ବିଚାର କରିଛ କି ? ଏଡ଼େ ବକଟେ ବକଟେ ଗୋଡ଼ରେ ଆମେ କି କଷ୍ଟରେ ଚଲାବୁଲା କରୁ, ସେକଥା କେବଳ ଆମେ ଜାଣୁ । ସାପ କଥା ଟିକେ ମନେ ପକେଇଲୁ । ତା'ର ମୋଟେ ଗୋଡ଼ ନାହିଁ । ନିଜ ଛାତିରେ ସେ ଘୋଷାଡ଼ି ହେଇ କେମିତି ଚାଲେ ତୁ ଦେଖିଛୁ ? ମୁଁ ଭାବୁଛି, ଭଗବାନ୍ ତମ ପ୍ରତି ବେଶି ଉଦାର ଅଛନ୍ତି । ବରଂ ଆମ ପ୍ରତି ହଦନ୍ନ ନୁହନ୍ତି ।"

କୁମ୍ଭୀର କଥା ସରିବା ବେଳକୁ ବେଙ୍ଗ ଦୁଇଗୋଡ଼କୁ ଟେକି କହିଲା- "ସମସ୍ତେ ତ ନିଜ ନିଜ କଥା କହି ଚାଲିଛ । ଆମ କଥା ପଦେ ଶୁଣ । ସାପ ହେଉ କି କୁମ୍ଭୀର ହେଉ ସେମାନେ ତ ବିନା ଗୋଡ଼ରେ ଦ୍ରୁତ ଗତିରେ ଦୌଡ଼ି ପଳାଇ ଯାଇ ଆତ୍ମରକ୍ଷା କରିପାରୁଛନ୍ତି । ଶିକାରକୁ ଗୋଡ଼େଇ ଗୋଡ଼େଇ ଭଲରେ ଧରିନେଇ ପାରୁଛନ୍ତି । କିଛି ନ ହେଲେ ବି ତମମାନଙ୍କର ଦାନ୍ତ ଅଛି । ତମର ଦାନ୍ତକୁ କାହାର ଭୟ ନାହିଁ ? ଦେଖ, ମୋର ଗୋଟିଏ ବି

Source: Author, Digitized by PPRACHIN, SOA

ଦାନ୍ତ ନାହିଁ। ଆଗଗୋଡ଼ ଦୁଇଟି ଛୋଟ । ପଛଗୋଡ଼ ଦୁଇଟି ବଡ଼ ହେଇଥିବାରୁ ଆମେ ସିଧା ଚାଲିପାରୁନା କି ଘୋଷାଡ଼ି ହେଇ ଯାଇ ପାରୁନା । କେଡ଼େ କଷ୍ଟରେ କୁଦାମାରି ଗୋଟିଏ ଜାଗାରୁ ଅନ୍ୟ ଜାଗାକୁ ଯିବାକୁ ହୁଏ । ଶତ୍ରୁମାନେ ଆମକୁ ଅତି ସହଜରେ ଧରିନେଇ ଯାଆନ୍ତି । ଭଗବାନ୍ ଆମପାଇଁ କିଛି ଗୋଟାଏ ବ୍ୟବସ୍ଥା କରନ୍ତୁ । ନ ହେଲେ ଅଳ୍ପଦିନ ଭିତରେ ଆମର ବଂଶ ବୁଡ଼ିଯିବ ।"

ବେଙ୍ଗର କଥା ଶୁଣୁ ଶୁଣୁ ପତଙ୍ଗଟିଏ ଉଡ଼ିଆସି କହିଲା- "ଥାଉ ଥାଉ ବେଙ୍ଗ ମାଉସୀ । ଆଉ ଅଧିକ କିଛ ନିଜ ପାଇଁ ମାଗ ନାହିଁ । ତମର ଯେଉଁ ଫାଳିଆ ଜିଭଟା ଅଛି, ସେଇଟା କ'ଣ ତମକୁ କମ୍ ହେଇଯାଇଛି ? ସେହି ଜିଭଟା ପାଇଁ ତ କାଳ ହେଇଛି । ଅଠାଲଗା କାଠିପରି ସେ ଜିଭରେ ତମେ ଆମକୁ ଉଠେଇ ନେଇଯାଅ । ତା'ପରେ ଚଟ୍‌କରି ପେଟ ଭିତରକୁ ପକେଇ ଦିଅ । ଶେଷରେ ଆମର ଅବସ୍ଥା ଯାହା ହୁଏ, ସେକଥା ଭାବିଲା ବେଳକୁ ମୋ ଦେହଟା କ'ଣ ହେଇଯାଉଛି । ଆମେ ତ ନିରୀହ ଜୀବ । କାହାରି କିଛି କ୍ଷତି କରୁନା । ଆମ ପ୍ରତି ତମେମାନେ ଏତେ ନିଷ୍ଠୁର କାହିଁକି ? ଆମ ଦେହରେ ଯଦି ଅନ୍ୟମାନଙ୍କ ଭଳି ହାଡ଼ ରହନ୍ତା, ତେବେ ଆମେ ଏଇ ଶତ୍ରୁମାନଙ୍କ କବଳରୁ ରକ୍ଷା ପାଇଯାଆନ୍ତୁ ।"

ପତଙ୍ଗର କଥାକୁ କାଟି ପୋକଟିଏ କହିଲା- "ଆଲୋ ପତଙ୍ଗ ! ତୋତେ ଭଗବାନ୍ ଗୋଡ଼ ଦେଇଛନ୍ତି ଚାଲିବାକୁ, ପୁଣି ଡେଣା ଦେଇଛନ୍ତି ଉଡ଼ିବାକୁ, ଶୁଣ୍ଢ ଦେଇଛନ୍ତି କାମୁଡ଼ିବାକୁ । ମାଛି ଆଉ ମଶାମାନେ କେଡ଼େ ଚାଲାକ, ସେକଥା ସମସ୍ତଙ୍କୁ ଜଣା । କିନ୍ତୁ ଆମେ କିଭଳି ବଞ୍ଚୁଛୁ, ସେକଥା କେବେ ଭାବିଛ ? ଆମର ମେରୁଦଣ୍ଡ ନାହିଁ କି ହାତ, ଗୋଡ଼ କି ଡେଣା କିଛି ନାହିଁ । ଏ ଗଛରୁ ସେ ଗଛ ବୁଲି ଆମେ କଅଁଳପତ୍ର ଖାଉ । ସେଥିପାଇଁ ଭଗବାନ୍‌ଙ୍କୁ ଆମର ନିବେଦନ, ସେ ଆମକୁ କେତେଟା ଗୋଡ଼ ଆଉ ଡେଣା ଦିଅନ୍ତୁ । ଆମେ ବି ପତଙ୍ଗମାନଙ୍କ ପରି ଉଡ଼ି ବୁଲି ପାରିବୁ ।"

Source: Author, Digitized by PPRACHIN, SOA

ନିର୍ବୋଧ ପଶୁ-ପକ୍ଷୀଙ୍କ କଥା ଶୁଣି ଶୁଣି ଭଗବାନ୍ ବିରକ୍ତ ହେଇଯାଇଥିଲେ । ସେ ବିଚାର କରି ଦେଖିଲେ, ଯାହାପାଇଁ ଯାହା ଦରକାର ସେ ସବୁ ଠିକ୍ ଅଛି । କେହି ବି ଜଣେ ବୁଦ୍ଧି ମାଗୁ ନାହାନ୍ତି କିମ୍ଵା ମଣିଷ ହେବାକୁ ଚାହୁଁ ନାହାନ୍ତି । ତେଣୁ ସେ ପଶୁ-ପକ୍ଷୀମାନଙ୍କୁ କହିଲେ- "ମୁଁ ଲକ୍ଷ୍ୟ କରୁଛି, ତମେମାନେ ବେଶ୍ ଭଲରେ ଅଛ । ତେଣୁ ତୁମକୁ ମୁଁ ଆଉ କିଛି ଦେବି ନାହିଁ । କାରଣ ତୁମେମାନେ ଅଧିକ ଯାହା ପାଇବ, ସେସବୁ ତମମାନଙ୍କୁ ଅସୁବିଧାରେ ପକାଇବ । ଏବେ ଝଗଡ଼ା ବନ୍ଦ କରି ନିଜ ନିଜ ଘରକୁ ଫେରିଯାଅ । ମୁଁ ମୋ ଜାଗାକୁ ଫେରିଯାଉଛି ।"

ପଶୁ-ପକ୍ଷୀମାନେ କୁହାକୁହି ହେଲେ ସତେ ତ ଆମେ ସମସ୍ତେ ଭଲରେ ଅଛୁ । ବିଲେଇର ଯଦି ମାଙ୍କଡ଼ ପରି ଲାଞ୍ଜ ହେଇଯାଏ, ତେବେ ସେ ନିଶ୍ଚୟ ମରିବ । ପକ୍ଷୀମାନଙ୍କର ଡେଣା ହିଁ ସବୁ କିଛି । ଛାଡ଼ ସେକଥା । ଭଗବାନ୍ ପ୍ରକୃତରେ ବଡ଼ ଦୟାଳୁ । ସେ ଆମକୁ ଯାହା ଦେଇଛନ୍ତି, ସେତିକି ଯଥେଷ୍ଟ । ଚାଲ ସମସ୍ତେ ନିଜ ନିଜ ଜାଗାକୁ ଫେରିଯିବା । ଆଉ କେବେ ଭଗବାନ୍‌ଙ୍କୁ କିଛି ମାଗିବା ନାହିଁ ।

■■■

Source: Author, Digitized by PPRACHIN, SOA

ତପସ୍ୱୀ ହାତୀ

ଗୋଟିଏ ବଡ଼ ଜଙ୍ଗଲ ଥାଏ । ବିଭିନ୍ନ ପ୍ରକାର ପଶୁ-ପକ୍ଷୀ ସେଇଠି ମାଳାରେ ଥାଆନ୍ତି । ସେହି ଜଙ୍ଗଲରେ କେଉଁ ଯୁଗରୁ ଗୋଟିଏ ଆଶ୍ରମ କରି କେତେଜଣ ସାଧୁ, ମୁନି-ଋଷି ମଧ୍ୟ ରହୁଥାଆନ୍ତି । ତାଙ୍କୁ କୌଣସି ହିଂସ୍ରଜନ୍ତୁ କେବେ ବି ଆକ୍ରମଣ କରନ୍ତି ନାହିଁ । ମୁନି-ଋଷିମାନେ ନିଜ ନିଜ ଜାଗାରେ ବସି ତପସ୍ୟା କରନ୍ତି । ହୋମ ଯଜ୍ଞରେ ଲାଗି ରହନ୍ତି । ଜଙ୍ଗଲରୁ ଫଳ ମୂଳ ସଂଗ୍ରହ କରି ଖାଆନ୍ତି । ସେମାନେ ବି କେବେ କୌଣସି ପଶୁ-ପକ୍ଷୀଙ୍କୁ ହଇରାଣ କରନ୍ତି ନାହିଁ । ତେଣୁ ସମସ୍ତେ ମିଳିମିଶି ଜଙ୍ଗଲରେ ବେଶ୍ ଶାନ୍ତିରେ ରହୁଥାଆନ୍ତି । କେବେ କେବେ ହରିଣ ଓ ହାତୀମାନେ ଋଷିମାନଙ୍କ ପାଖକୁ ଆସି ଠିଆ ହୋଇ ତାଙ୍କର କାର୍ଯ୍ୟକୁ ଦେଖି ଚାଲି ଯାଆନ୍ତି । ମୁନି-ଋଷିମାନେ ତାଙ୍କୁ କିଛି ଖାଇବାକୁ ଦେଲେ, ସେମାନେ ତାଙ୍କ ହାତରୁ ଖାଇ ଦିଅନ୍ତି । ଧୀରେ ଧୀରେ ହାତୀ ଓ ହରିଣମାନେ ମୁନି-ଋଷିଙ୍କୁ ନିଜର ସାହାଯ୍ୟକାରୀ ମଣିଷ ଭାବରେ ଗ୍ରହଣ କରିନେଲେ ।

ହାତୀଦଳ ଭିତରୁ ଗୋଟିଏ ଦନ୍ତାହାତୀ ଅଲଗା ଥିଲା । ସେ ସବୁଦିନ ଆଶ୍ରମକୁ ଆସେ । ମୁନି-ଋଷିମାନଙ୍କ କଥାକୁ ଶୁଣେ । ଧୀରେ ଧୀରେ ସେ ତାଙ୍କର କଥାକୁ ବୁଝି ପାରିଲା । ଯଜ୍ଞ ହେଉଥିଲେ, ଯଜ୍ଞ ଶେଷ ହେବା ପର୍ଯ୍ୟନ୍ତ ଗୋଟିଏ ଜାଗାରେ ଠିଆ ହୋଇ ରହେ । ମୁନି-ଋଷିମାନେ ତାକୁ ଭାରି ଭଲ ପାଆନ୍ତି । ପାଖକୁ ଡାକି ପ୍ରସାଦ ଦିଅନ୍ତି । ହାତୀ ତାକୁ ଖାଇ ନିଜର ଶୁଣ୍ଢକୁ ଟେକି ଆଶୀର୍ବାଦ କରି ଗୋଟାଏ ରଡ଼ି ଛାଡ଼ି ସେଠାରୁ ଚାଲିଯାଏ । ପୁଣି କିଛି ସମୟ ପରେ ଜଙ୍ଗଲରୁ ଡାଳ ପତ୍ର ଖାଇସାରି ଆଶ୍ରମ ପାଖକୁ ଫେରିଆସେ । ଯେଉଁଠି ଋଷିମାନେ ଧ୍ୟାନରେ ବସନ୍ତି, ସେଇଠି ଶୋଇରହେ । ଆଶ୍ରମର ମୁନି

Source: Author, Digitized by PPRACHIN, SOA

ଋଷିମାନେ ତା'ର କାର୍ଯ୍ୟକଳାପକୁ ଦେଖି ତାକୁ ଜଣେ ଧାର୍ମିକ ହାତୀ ବୋଲି ଧରିନେଲେ । ଶ୍ରଦ୍ଧାରେ ତାକୁ ରାମହାତୀ ବୋଲି ଡାକିଲେ ।

କିଛିଦିନ ପରେ ସମସ୍ତେ ଜାଣିଲେ ରାମହାତୀ ମଣିଷ ଭଳି ସବୁକଥା ବୁଝୁଛି । ମଣିଷଙ୍କ ପାଖେ ପାଖେ ରହି ତା'ର ପ୍ରକୃତି ବଦଳି ଗଲାଣି । ତା' ନାଁ ଧରି ଡାକିଦେଲେ ସେ ପାଖକୁ ଚାଲିଆସୁଛି । କିଛି କାମ କରିଦେବାକୁ



କହିଲେ, ସେ ତାଙ୍କର କଥାକୁ ବୁଝିପାରି ସେ କାମ କରିଦେଉଛି । ପାଣି ସରିଗଲେ, ଶୁଣ୍ଢରେ ପାଣି ବୋହି ଆଣି ଆଶ୍ରମ କୁଣ୍ଡରେ ଭର୍ତ୍ତି କରିଦେଉଛି । କାଠ ସରିଗଲେ, ସେ ଜଙ୍ଗଲରୁ ଶୁଖିଲା ଡାଳପତ୍ର ସଂଗ୍ରହ କରି ଆଣି ଆଶ୍ରମ ପାଖରେ ରଖି ଦେଉଛି ।

Source: Author, Digitized by PPRACHIN, SOA

ଦିନେ ଜଣେ ଋଷି ତା'ର ଢଙ୍ଗରଙ୍ଗ ଦେଖି ତାକୁ କହିଲେ, "ରାମହାତୀ ! ତୁ ତ ମଣିଷ ଭଳି ଆଚରଣ କରୁଛୁ । ଆମ ସାଙ୍ଗରେ ରହି ରହି ତୁ ବି ଗୋଟାଏ ସାଧୁ ହୋଇଗଲୁଣି । ଖାଲି ଖାଇ ପିଇ ସୁଖରେ ରହିବା ପାଇଁ ଆମେ ଜନ୍ମ ହେଇ ନାହୁଁ । ମୋକ୍ଷ ପାଇବାକୁ ହେଲେ ଆମକୁ ତପସ୍ୟା କରିବାକୁ ହେବ । ଭଗବାନ୍ ଶିବ ହେଉଛନ୍ତି ମହାଯୋଗୀ । ତାଙ୍କୁ ପ୍ରାର୍ଥନା ଦ୍ୱାରା ସନ୍ତୁଷ୍ଟ କରିପାରିଲେ ପ୍ରାଣୀକୁ ସେ ମୁକ୍ତି ଦିଅନ୍ତି । ତୁ ଏବେ ଖାଇବା ପିଇବା ଛାଡ଼ି ଗୋଟାଏ ଗଛମୂଳେ ଶୋଇ ଆମଭଳି ଯୋଗ ତପସ୍ୟା କର । ତୋର ଜନ୍ମ ସାର୍ଥକ ହେଇଯିବ । ହାତୀ ଜନ୍ମରୁ ମୁକ୍ତି ପାଇଯିବୁ ।"

ଋଷିଙ୍କ କଥାମାନି ରାମହାତୀ ଗୋଟାଏ ଗଛମୂଳେ ଆଶ୍ରେଇ ରହି ତପସ୍ୟା କରିବାରେ ଲାଗିପଡ଼ିଲା । ଭୋକ ଲାଗିଲେ ବି ଖାଇବାପାଇଁ ଜଙ୍ଗଲ ଭିତରକୁ ଗଲା ନାହିଁ । ଶୋଷ ଲାଗିଲେ ବି ପାଣି ପିଇବାକୁ ନଈ ପାଖକୁ ଗଲା ନାହିଁ । କେବଳ ଋଷିଙ୍କ ଭଳି ମନେ ମନେ ରାମନାମ ଜପିବାରେ ଲାଗିରହିଲା। କିଛିଦିନ ପରେ ଦେଖାଗଲା, ରାମହାତୀ ଭୋକ ଉପାସରେ ରହି ଶୁଖିଗଲା । ତା'ର ସାଙ୍ଗ ହାତୀମାନେ ଆସି ତାକୁ ଯେତେ ବୁଝେଇଲେ ବି ସେ କାହାରି କଥାକୁ ଶୁଣିଲା ନାହିଁ କି ସେ ଜାଗାରୁ ଉଠିଲା ନାହିଁ । ରାମହାତୀ ଧୀରେ ଧୀରେ ଦୁର୍ବଳ ହେଇପଡ଼ିଲା । ଉଠିବାକୁ ଆଉ ତା'ର ବଳ ପାଇଲା ନାହିଁ । ନିଷ୍ଠାର ସହିତ ସେ ଆଖିବୁଜି ଭଗବାନ୍‌ଙ୍କୁ ସ୍ମରଣ କରି କେବଳ ରାମନାମ ଜପି ଚାଲିଥାଏ ।

ସତକୁ ସତ ଦିନେ ଭଗବାନ୍ ଆସି ତା' ଆଗରେ ଉଭାହେଲେ । ରାମହାତୀ ଆଖି ଖୋଲି ତାଙ୍କୁ ଦେଖି ଚିହ୍ନିଲା । ଶୁଣ୍ଢ ଟେକି ପ୍ରଣାମ କଲା । ଭଗବାନ୍ ତାକୁ ପଚାରିଲେ, "ତୁ କାହିଁକି ଏମିତି ତପସ୍ୟା କରୁଛୁ, ତୋର କ'ଣ କାମନା ଅଛି କହ ।"

ହାତୀ କହିଲା- "ପ୍ରଭୁ ! ମୁଁ ହାତୀ ଜନ୍ମରୁ ମୁକ୍ତି ପାଇବାକୁ ଚାହୁଁଛି । ମୋତେ ମୋକ୍ଷ ଦରକାର ।"

Source: Author, Digitized by PPRACHIN, SOA

ଭଗବାନ୍ କହିଲେ- "ଏବେ ତୁ ଯେଉଁ ଜନ୍ମ ପାଇଛୁ, ସେଇଟା କ'ଣ ଖରାପ ? ତୋତେ ବିରାଟ ଶରୀର ମିଳିଛି । ଦେହରେ ପ୍ରଚୁର ବଳ ଅଛି । ଅନ୍ୟ କୌଣସି ପଶୁଙ୍କର ଯେଉଁ ଶୁଣ୍ଢ ନାହିଁ, ତାହା ବି ତୋତେ ମିଳିଛି । ମଣିଷ ଭଳି ବୁଦ୍ଧି ମିଳିଛି । ଖାଇବା ପାଇଁ ଜଙ୍ଗଲରେ ପ୍ରଚୁର ଖାଦ୍ୟ ତୋ ପାଇଁ ରହିଛି । ପିଇବା ପାଇଁ ନଦୀ ନାଳରେ ପାଣି ଭରି ରହିଛି । ଅନ୍ୟ ପଶୁମାନେ ତୋର ଶକ୍ତିକୁ ଦେଖି ତୋତେ ଭୟ କରନ୍ତି । ଏସବୁ ସହିତ ସୁନ୍ଦର ସଂସାରକୁ ଛାଡ଼ି ତୁ କାହିଁକି ମୋକ୍ଷ ଖୋଜୁଛୁ ?"

ହାତୀ ମୁଣ୍ଡ ତଳକୁ କରି ଚୁପ୍‌ଚାପ୍ ହେଇ ଠିଆ ହେଇ ରହିଲା । କିଛି ଉତ୍ତର ଦେଇପାରିଲା ନାହିଁ ।

ପୁଣି ଭଗବାନ୍ ତାକୁ କହିଲେ, ମୋକ୍ଷ ବା ମୁକ୍ତି ପାଇବାପାଇଁ କେବଳ ଭଲ କାମ କରିବା ଦରକାର । ଏହି ସଂସାରକୁ ଭଗବାନ୍ ବିଷ୍ଣୁ ସର୍ଜନା କରିଛନ୍ତି । ତାକୁ ରକ୍ଷା କରିବା, ତାଙ୍କ ସୃଷ୍ଟିର ଜୀବମାନଙ୍କୁ ସୁରକ୍ଷା ଦେବା ହେଉଛି ସବୁଠାରୁ ବଡ଼ କାମ । ସେଥିରେ ବିଷ୍ଣୁ ଖୁସି ହୁଅନ୍ତି । ପରୋପକାରୀ ଜୀବକୁ ମୁକ୍ତି ଦିଅନ୍ତି । ନିଜ ପାଖରେ ନେଇ ରଖନ୍ତି । ଜଙ୍ଗଲରେ ପଡ଼ିରହି ଅଖିଆ ଅପିଆ ନିଜ ଆତ୍ମାକୁ କଷ୍ଟ ଦେଲେ ଏହି ମୁନି-ଋଷିଙ୍କ ଭଳି ତୋତେ କଦାପି ମୁକ୍ତି ମିଳିବ ନାହିଁ । ବରଂ ତୁ ନିଜେ କଷ୍ଟ ସହିଲେ ବିଷ୍ଣୁଙ୍କୁ ସେ କଷ୍ଟ ବେଶି ବାଧିବ । ସେ ତୋତେ ଯେଉଁ କାମ ପାଇଁ ଏ ସଂସାରକୁ ପଠାଇଛନ୍ତି, ସେହି କାମକୁ ଠିକ୍ ଭାବରେ କରିଚାଲ । ତୋର ମୁକ୍ତି କଥା ଚିନ୍ତା କରିବାର ଦରକାର ନାହିଁ । ସେ କାମ ନିଜେ ବିଷ୍ଣୁ କରିବେ ।

ଭକ୍ତିଭାବ ଜାଗ୍ରତ ହେଲେ ମନେ ମନେ ଭଗବାନ୍‌ଙ୍କୁ ପ୍ରାର୍ଥନା କରିବାରେ କିଛି ଅସୁବିଧା ନାହିଁ । କିନ୍ତୁ ତାଙ୍କ ଆଦେଶ ପାଳନ ନ କଲେ, ସେ କାହାରି କଥା ଶୁଣନ୍ତି ନାହିଁ । ଏବେ ତୋର ଶରୀର ଦୁର୍ବଳ ହେଇପଡ଼ିଛି । ମୁଁ ତୋତେ

Source: Author, Digitized by PPRACHIN, SOA

ଶକ୍ତି ଦେଉଛି, ତୋର ବଳ ଫେରି ଆସିବ । ବର୍ତ୍ତମାନ ଯାଇ ଖିଆପିଆ କର । ଅନ୍ୟମାନଙ୍କର ଉପକାର କରିବୁ । କାହାରି କ୍ଷତି କରିବାକୁ ମନରେ ମଧ୍ୟ ଭାବିବୁ ନାହିଁ । ଠିକ୍ ସମୟରେ ତୋତେ ମୁକ୍ତି ମିଳିଯିବ । ଏକଥା ଅନ୍ୟମାନଙ୍କୁ ମଧ୍ୟ କହିଦେବୁ । ତପସ୍ୟା ଅପେକ୍ଷା କର୍ମର ଫଳ ଶୀଘ୍ର ମିଳିଥାଏ । ଭଗବାନ୍‌ଙ୍କ କଥା ଶୁଣି ରାମହାତୀ ଉଠି ଠିଆହେଲା । ସେ ଜାଣିପାରିଲା, ପ୍ରଭୁଙ୍କ ଦୟାରୁ ତା'ର ଶକ୍ତି ଫେରିଆସିଛି । ସେ ନିଜର ଭୁଲ୍ ବୁଝିପାରି ଭଗବାନ୍‌ଙ୍କ ପାଖରେ କ୍ଷମା ମାଗି କହିଲା- "ଜୀବନରେ ମୁକ୍ତି ପାଇଁ ଆଉ କେବେ ତପସ୍ୟା କରିବ ନାହିଁ । ସମୟ ସୁଯୋଗ ମିଳିଲେ ସବୁ ପଶୁପକ୍ଷୀ ଓ ମଣିଷଙ୍କର ସେବା କରିବ । ଜଙ୍ଗଲକୁ ରକ୍ଷା କରିବ ।"

ହାତୀର କଥା ସରିଛି କି ନାହିଁ ଭଗବାନ୍ ସେଠାରୁ ଉଭାନ୍ ହେଇଗଲେ । ରାମହାତୀ ସେହିଦିନଠାରୁ ଅନ୍ୟମାନଙ୍କ ପାଇଁ ଭଲ କାମରେ ଲାଗି ରହିଲା । ତାକୁ ସମସ୍ତେ ଭଲ ପାଇଲେ । ଅନ୍ୟ ହାତୀମାନେ ତାକୁ ଫେରିପାଇ ଖୁସି ହେଲେ ।

■■■

Source: Author, Digitized by PPRACHIN, SOA

ତରଭୁଜ ଓ ବରଫଳ କଥା

ଖରାଦିନ । ତତଲା ପବନ ବହୁଛି । ରାସ୍ତାଘାଟ ଚାରିଆଡ଼େ ଶୂନ୍‌ଶାନ୍ ଲାଗୁଛି । ଜଣେ ଫଳ ବିକାଳି ମୁଣ୍ଡରେ ଫଳଝୁଡ଼ି ମୁଣ୍ଡେଇ ଚାଲିଛି । ଝୁଡ଼ି ଭିତରେ ଚାରିଟା ବଡ଼ ବଡ଼ ତରଭୁଜ, ଗୋଟାଏ ବଡ଼ ଛୁରୀ ଆଉ ଦୁଇଟି ଛୋଟ ଟିଣ ଡବା ରଖାଯାଇଛି । ଗୋଟାଏ ଡବାରେ କିଛି ଲଙ୍କାଗୁଣ୍ଡ ଅଛି । ଅନ୍ୟ ଡବାରେ କଳାଲୁଣର ଗୁଣ୍ଡ ।

ବିଭିନ୍ନ ଋତୁରେ ସେ ଫଳ ବିକାଳି ଝୁଡ଼ି ମୁଣ୍ଡେଇ ଦୁଆର ଦୁଆର ବୁଲି ବିଭିନ୍ନ ପ୍ରକାର ଫଳ ବିକ୍ରି କରେ । ବର୍ଷାଦିନେ ପାଚିଲା ତାଳ, ଶୀତଦିନେ

ପାଚିଲା କମଳା ଆଉ ଖରାଦିନେ ତରଭୁଜ ଆଉ ପାଚିଲା ଆମ୍ବ । ଏବେ ତ ଆମ୍ବ କଷି ହେଇଛି । ତରଭୁଜ ଶେଷ ହେଇ ଆସିବା ବେଳକୁ ପାଚିଲା ଆମ୍ବ

Source: Author, Digitized by PPRACHIN, SOA

ଆସିଯିବ । ଖରାଦିନର ଟାଣ ଖରାରେ ସେ ଆଉ ଦୁଆର ଦୁଆର ବୁଲି ପାରେ ନାହିଁ । ତେଣୁ ଗାଆଁ ଶେଷ ମୁଣ୍ଡରେ ଯେଉଁ ରାସ୍ତାଟା ସହରକୁ ଯାଇଛି, ସେଇ ଛକରେ ଥିବା ବଡ଼ ପୁରୁଣା ବରଗଛ ମୂଳ ଛାଇରେ ଝୁଡ଼ିକୁ ଥୋଇ ବସିଯାଏ । ଆଜି ବି ସେ ସେଇଠି ବସି ତରଭୁଜ କାଟି ବିକିବ ।

ସବୁଦିନ ପରି ଝଙ୍କା ବରଗଛ ମୂଳେ ଫଳ ବିକାଳି ଯାଇ ପହଞ୍ଚିଲା । ଗଛର ବଡ଼ ସିଅ ପାଖରେ ଅଖା ବିଛେଇ ବସି ପଡ଼ିଲା । ଗୋଟାଏ ବଡ଼ ତରଭୁଜକୁ ଦୁଇଫାଳ କରି ଅଖା ଉପରେ ଥୋଇଦେଲା । ଯେପରିକି ବାଟରେ ଯାଉଥିବା ବାଟୋଇମାନେ ଲାଲ୍ ଟୁକ୍‌ଟୁକ୍ ତରଭୁଜକୁ ଦେଖି ଲୋଭେଇ ଯାଇ ତା' ପାଖକୁ ଆସିବେ ।

ଫଳ ବିକାଳି ମନେ ମନେ ଭାବୁଥାଏ- ଖରାଟା ଯେତେ ବେଶିହେବ, ଲୋକେ ତରଭୁଜ ଖାଇବାକୁ ସେତେ ବେଶି ଇଚ୍ଛା କରିବେ । ଆଜିର ତରଭୁଜ ସବୁଠୁ ଭଲ ପାଚିଛି । ରଙ୍ଗଟା ବି ଗାଢ଼୍ ଲାଲ ହେଇଛି । ଏଥିରେ ଲଙ୍କାଗୁଣ୍ଡ ଆଉ ଲୁଣ ଛିଟା ଟିକେ ପଡ଼ିଗଲେ, ମଜା ଆସିଯିବ । ଖାଇବାବାଲା ଲୋକ ହେଲେ, ଗୋଟାଏ କେଜି ତରଭୁଜ ଖାଇଯିବ ।

ଏଇମିତି ଭାବୁ ଭାବୁ ଉପରୁ ଦୁଇ- ଚାରିଟା ପାଚିଲା ବରଫଳ ଖସିପଡ଼ିଲା । ସେଥିରୁ ଗୋଟାଏ ବରଫଳ କଟାହେଇ ଥୁଆ ହେଇଥିବା ତରଭୁଜ ଫାଳ ଉପରେ ପଡ଼ି ରହିଗଲା । ଫଳ ବିକାଳି ସେଇ ବର ଫଳକୁ ଚାହିଁଦେଲା । ତା' ମନରେ କ'ଣ ଭାବନା ଆସିଲା କେଜାଣି ସେ ମନଖୋଲି ଫେଁ କରି ହସି ପକାଇଲା । ତା'ପରେ ତାକୁ ଲାଗିଲା- ତା' ତରଭୁଜ ଫାଳଟା ବରଫଳକୁ କହୁଛି- "କିରେ ! ବଡ଼ଗଛର ଛୋଟଫଳ । ତୁ ତ ଏଡ଼େ ବକଟେ ଫଳ । ତୋ ମାଆ କ'ଣ ତୋତେ କାଖେଇ ରଖିପାରିଲା ନାହିଁ ଯେ ମୋ କୋଳରେ ବସିବାକୁ ତୋତେ ପଠେଇ ଦେଇଛି ? ଠିକ୍ ଅଛି । କିଛି ସମୟ ମୋ

Source: Author, Digitized by PPRACHIN, SOA

କୋଳରେ ବସି ମଜା ନେ । ତା'ପରେ କୁଆଡ଼େ ଯିବାର ଯିବୁ । ସେ କଥା ପରେ ଭାବିବୁ । ଆଗ କହିଲୁ, ମୋ ପାଖକୁ ତୁ କାହିଁକି ଆସିଛୁ, ଆଉ ମୋର ଲାଲ୍ ଟୁକ୍‌ଟୁକ୍ କୋଳଟା ତୋ ମାଆ କୋଳଠାରୁ ଭଲ ଲାଗୁଛି ନା ନାହିଁ ?"

ବରଫଳ କି ଛାଡ଼ିବା ପିଲା ? ସେ କହିଲା- "ମଜା ତ ଲାଗୁଛି । କିନ୍ତୁ ତୋର କଟା ଦେହକୁ ଦେଖି ମୋ ମନରେ ଦୟା ଆସିଲା । କାହିଁକି ନା ତୁ ଫଳିଥିଲୁ ବିଲରେ । ତୋ ମାଆ ତ ନିଜେ ଠିଆ ହେଇ ପାରେନା । ତେଣୁ ଛୁଆଟିବେଳୁ ତୋତେ ସେଇ ବିଲ ମାଟିରେ ଶୁଆଇ ଦେଇଥିଲା । ଏତେ ବଡ଼ ହେଇଯିବାରୁ ଫଳ ବିକାଳି ତୋତେ କାଟିଦେଇ ପୁଣି ଅଖା ଉପରେ ଶୁଆଇ ଦେଇଛି । ମୋ ମାଆ ତୋତେ ଟିକେ ଛାଇ ଦେଇଛି ବୋଲି ତୁ ଏଇଠି ଆରାମରେ ଶୋଇ ରହିଛୁ । କେତେବେଳେ ତୋର ଅବସ୍ଥା କ'ଣ ହେବ କହି ହେବ ନାହିଁ । ତୋ କୋଳରେ ମୁଁ ଶୋଇବାକୁ ଆସି ନାହିଁ । ତୋର ଦୁଃଖକୁ ସହି ନ ପାରି ତୋତେ ସମବେଦନା ଜଣାଇବାକୁ ମୁଁ ତଳକୁ ଓହ୍ଲାଇଛି ।"

ବରଫଳର କଥା ଶୁଣି ତରଭୁଜ ରାଗିଗଲା । ସେ ନିଜର କଡ଼ ଲେଉଟାଇ ଦେଇ ବରଫଳକୁ ତଳକୁ ଠେଲିଦେଲା । କହିଲା- "ତୋର ଛୋଟ ଦେହକୁ ଦେଖି ମୁଁ ଦୟାକରି ତୋତେ କୋଳରେ ରଖିଥିଲି । କିନ୍ତୁ ତୁ ଛୋଟ ହେଲେ କ'ଣ ହେବ ? ଭାରି କୁହାଳିଆ ହେଇ ଯାଇଛୁ । ଏବେ ଏଇଠି ତଳେ ପଡ଼ିରହି ଦେଖ । ଲୋକେ କେମିତି ମୋତେ ଆଦର କରି ଖାଇବେ । ଆଉ ତୋତେ ଗୋଡ଼ରେ ଦଳି ଚକଟି ଚାଲିଯିବେ । ତା'ପରେ କେତେଟା ବିଲୁଆ, କାଉ କି ବଣି ଚଢ଼େଇ ଆସି ତୋତେ ଖାଇବେ । ମଣିଷଙ୍କ ପାଟିକୁ ତୁ କେବେ ବି ଯାଇପାରିବୁ ନାହିଁ । ତୋ ମାଆ ତ ସବୁଠାରୁ ବଡ଼ଗଛ, ସେ ତୋତେ ମୋ ପରି ବଡ଼ଫଳ କରିପାରିଲା ନାହିଁ । ତୁ ମୋ ଭଳି ହେଇଥିଲେ, ମଣିଷମାନେ ତୋତେ ବି ଆଦର କରି ଖାଇଥା'ନ୍ତେ । ତୁ ଖୁସି ହୋଇଥା'ନ୍ତୁ ।"

Source: Author, Digitized by PPRACHIN, SOA

ବରଫଳ ସବୁକଥା ଶୁଣି ସାରି କହିଲା- "ହଇରେ ତରଭୁଜ ! ତୁ ମୋ ମାଆର ଗୁଣକୁ ନ ଜାଣି ତା'ର ଖୁଣ ବାହାର କରୁଛୁ ? ତୁ ଆଗ ନିଜକଥାକୁ ଭାବି ଦେଖ । ତୋ ପେଟ ଭିତରେ କେତେ କେତେ ମଞ୍ଜି ରଖିଛୁ । କିନ୍ତୁ ସେଥିରୁ ବଡ଼ଗଛ ଉଠେ ନାହିଁ । ତୋର ବଡ଼ ମଞ୍ଜିରୁ ଯେଉଁ ଛୋଟ ଗଛ ଉଠେ, ସେ ନିଜେ ଠିଆ ହେଇପାରେନା । ମାଟିରେ ଲଟେଇ ଲଟେଇ ମାଡ଼େ । ଦୁଇ ଚାରିଟା ବଡ଼ ବଡ଼ ତରଭୁଜ ଫଳେଇ ଦେଇ ସେ ଗଛ ମରିଯାଏ । ସେଥିରେ ଫଳିଥିବା ତରଭୁଜକୁ ଚାଷୀନେଇ ବଜାରରେ ବିକିଦିଏ । ତାକୁ ଲୋକେ କାଟି ଖାଇଦେଲେ କାମ ଶେଷ । ଚାରିମାସରେ ତୋ ମାଆର ମୃତ୍ୟୁ, ସବୁକିଛି ଶେଷ ହେଇଯାଏ । ଅଳ୍ପଦିନର ଅତିଥି ତମେ । ଫୁଟାଣି ଦେଖେଇ କିଛି ଲାଭ ନାହିଁ । ମୋ ମାଆ କେଉଁ ଯୁଗରୁ ଏଇଠି ଠିଆ ହେଇ ରହିଛି, ତା'ର ହିସାବ ନାହିଁ । ପୁଣି କେତେ ଯୁଗପାଇଁ ଏଇମିତି ଫଳ ଫଳାଉଥିବ, ସେକଥା ବି କେହି କହିପାରିବେ ନାହିଁ । ମୋ ମାଆ ସହିତ ତୋ ମାଆକୁ ତୁଳନା କରିପାରିବୁ ନାହିଁ ।"

ତରଭୁଜ ମୁଣ୍ଡ ଟୁଙ୍ଗାରି କେବଳ ହୁଁ ମାରି ଚାଲିଥାଏ । ଯାହା ସତକଥା, ତାକୁ ତ ମାନି ନେବାକୁ ହେବ। ତା' ପାଖରେ ଆଉ କିଛି କହିବାକୁ ନ ଥିଲା । ତଥାପି ସେ ଟିକେ ଅଟକି ଯାଇ କହିଲା- "ହଉ, ରହ ରହ ବରଫଳ, ମୋର ମନେ ପଡ଼ିଗଲା । ତୁ ଆଗ ଯାଇ ତୋ ମାଆ ବରଗଛକୁ ପଚାର । ତୋତେ ସେ ଏତେ ଛୋଟ କରି ରଖିଛି କାହିଁକି ? ସେ ବର୍ଷ ବର୍ଷ ଧରି ବଞ୍ଚିରହି କାହାର କି କାମରେ ଲାଗୁଛି ? ତା'ର ଫଳକୁ ତ ମଣିଷ ଖାଏ ନାହିଁ । ତେଣୁ ତୋ ଜନ୍ମ ବେକାର ନୁହେଁ ତ ଆଉ କ'ଣ ?"

ସତରେ ବରଫଳ ଜାଣି ନ ଥିଲା, ତା' ମାଆ ତାକୁ ଏତେ ଛୋଟ କରିଛି କାହିଁକି ? ତାକୁ ପୁଣି ମଣିଷ ଆଦର କରି ଖାଏ ନାହିଁ କାହିଁକି ? ତଳେ ପଡ଼ି ପଚିଗଲେ, କାଉ କି ବିଲୁଆଙ୍କର ସେ ଆହାର ହେଉଛି କାହିଁକି ?

Source: Author, Digitized by PPRACHIN, SOA

ବରଫଳଟି ମନ ଦୁଃଖ କରି ସେଇମିତି ତଳେ ପଡ଼ି ରହିଲା । ସେ ଦେଖିଲା, କେତେଜଣ ବାଟୋଇ ଆସି ଫଳ ବିକାଳିଠାରୁ ତରଭୁଜ ଖାଇସାରି ଆନନ୍ଦରେ ଚାଲିଗଲେ । ସଞ୍ଜବେଳକୁ ଫଳ ବିକାଳି ତା' ଝୁଡ଼ି, ଅଖା ଓ ଛୁରୀକୁ ନେଇ ଘରକୁ ଚାଲିଗଲା ।

ବରଫଳଟି ତଳେ ପଡ଼ିରହି କେତେ କ'ଣ ଭାବି ଚାଲିଥିଲା । ସେତିକିବେଳେ ଆଉ କେତୋଟି ପାଚିଲା ବରଫଳ ତା' ପାଖରେ ଖସି ତଳେ ପଡ଼ିଲେ । ତାଙ୍କୁ ସେ ତା'ର ମନକଥା ସବୁ କହିଲା । ସେମାନଙ୍କୁ କେତେ ପ୍ରଶ୍ନ ପଚାରିଲା । କିନ୍ତୁ କେହି କିଛି ଉତ୍ତର ଦେଇପାରିଲେ ନାହିଁ । ସେମାନେ ଠିକ୍ କଲେ, ତାଙ୍କର ମାଆ ବରଗଛକୁ ଏସବୁ ପ୍ରଶ୍ନ ପଚାରିବେ । ମାଆଙ୍କ ଠାରୁ ଠିକ୍ ଉତ୍ତର ପାଇ ସାରିଲେ, ଆଗାମୀକାଲି ତରଭୁଜକୁ ଉଚିତ ଜବାବ ଦେଇପାରିବେ ।

ବରଗଛ ତା'ର ପିଲାମାନଙ୍କର କଥାକୁ ଶୁଣି ମନେ ମନେ ହସୁଥିଲା । ସେ ନିଜର ଡାଳକୁ ହଲେଇ କହିଲା- "ହଇରେ, ପିଲାମାନେ ! ତମେ ନିଜ ଜାତିର ସଂସ୍କୃତି, ପରମ୍ପରାକୁ ଜାଣିପାରି ନାହଁ, ତେଣୁ ବାଟବଣା ହେଉଛ । ଏକଥା ଆଗ ଜାଣିରଖ ଯେ, ସୃଷ୍ଟିକର୍ତ୍ତା ଭଗବାନ୍ ସମସ୍ତ ପ୍ରାଣୀ ଜଗତକୁ ସୃଷ୍ଟି କରିଛନ୍ତି । କେଉଁଗଛ କିଭଳି ବଢ଼ିବ, ତା'ର କର୍ତ୍ତବ୍ୟ କ'ଣ କିପରି ହେବ, ସେସବୁର ନିୟମ ମଧ୍ୟ ଠିକ୍ କରିଦେଇଛନ୍ତି । ମୋ ଦେହରେ ଯଦି ତରଭୁଜ ଭଳି ବଡ଼ ଫଳ ଫଳିବ, ତେବେ ଅନେକ ଦୁର୍ଘଟଣା ଘଟିବ । ତେଣୁ ସମସ୍ତଙ୍କୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଭଗବାନ୍ ମୋର ଫଳକୁ ଛୋଟ କରିଦେଇଛନ୍ତି । ତମେ ଜାଣିଛ, ମୋ ତଳେ କେତେ ଗାଈ-ଗୋରୁ, ଛେଳି-ମେଣ୍ଢା ଭଳି ବିଭିନ୍ନ ପଶୁ ଏବଂ ମଣିଷ ଆସି ବିଶ୍ରାମ ନିଅନ୍ତି । ନରମ ଛାଇ ଆଉ ଥଣ୍ଡା ପବନକୁ ସମସ୍ତେ ଭଲ ପାଆନ୍ତି । ଥକି ପଡ଼ିଥିବା ମଣିଷ ଓ ପଶୁମାନେ ଆସି ମୋ

Source: Author, Digitized by PPRACHIN, SOA

ଛାଇରେ ଆରାମରେ ଶୋଇ ପଡ଼ନ୍ତି । ଯଦି ମୋ ଫଳ ବଡ଼ ହେଇଯାଏ, ତେବେ ତାହା ତାଙ୍କ ଉପରେ ପଡ଼ିବ, ସେମାନେ ନିଶ୍ଚୟ କଷ୍ଟ ପାଇବେ । ସେଥିପାଇଁ ଭଗବାନ୍ ସବୁ କଥାକୁ ବିଚାର କରି ମୋ ଫଳକୁ ଛୋଟ କରିଦେଇଛନ୍ତି ।”

ବରଫଳଟି ପୁଣି ମାଆ ଗଛକୁ ପଚାରିଲା- “ତେବେ ବରଫଳକୁ ମଣିଷମାନେ କାହିଁକି ଆଦର କରି ଖାଉ ନାହାନ୍ତି ?”

ବରଗଛ ବୁଝାଇଦେଇ କହିଲା- “ଶୁଣ, କେତେକ ଗଛ ଅଛନ୍ତି ସେମାନେ ଜୀବଜଗତକୁ କେବଳ ଫଳ ବ୍ୟତୀତ ଅନ୍ୟ କିଛି ଦେଇପାରନ୍ତି ନାହିଁ । କିନ୍ତୁ ମୋ କଥା ଅଲଗା । ମୋ ଡାଳରେ ହଜାର ହଜାର ପକ୍ଷୀ ବସା ବାନ୍ଧି ରହନ୍ତି । ମୋ ଡାଳକୁ ଭାଙ୍ଗି ହାତୀ ଭଳି ବିରାଟ ଜୀବ ଖାଇ ବଞ୍ଚେ । ମୁଁ ଯେଉଁ ଅମ୍ଳଜାନ ତିଆରି କରେ, ତାହା ବାୟୁ ମଣ୍ଡଳକୁ ସୁସ୍ଥ ରଖେ । ସେହି ଅମ୍ଳଜାନ ପ୍ରାଣୀମାନଙ୍କ ପାଇଁ ଅମୃତ ଭଳି କାମକରେ । ଅମ୍ଳଜାନ ବିନା କୌଣସି ପ୍ରାଣୀ ବଞ୍ଚି ରହିପାରନ୍ତି ନାହିଁ । ସେହିପରି ମୋ ବିରାଟ ଚେର ମାଧ୍ୟମରେ ମୁଁ ମାଟି ତଳେ ଥିବା ଜଳସ୍ତରକୁ ଉପରକୁ ଉଠେଇ ଆଣେ । ଫଳରେ ମଣିଷମାନେ ସହଜରେ ପାଖରୁ ପାଣି ପାଇପାରୁଛନ୍ତି ।

ତମେମାନେ ଜାଣିରଖ । ମଣିଷମାନେ ହେଲେ ଭାରି ଚତୁର । ସେମାନେ ସବୁ ଭଲ, ମିଠାଫଳକୁ ନେଇ ନିଜେ ଖାଇ ଦିଅନ୍ତି । ପଶୁ-ପକ୍ଷୀମାନଙ୍କ ପାଇଁ ସେମାନେ କିଛି ରଖନ୍ତି ନାହିଁ । କିନ୍ତୁ ଭଗବାନ୍‌ଙ୍କ ସୃଷ୍ଟିରେ ସମସ୍ତ ଜୀବ ପାଇଁ ଗଛମାନେ ଫୁଲ ଫଳ ଦେଇଥା’ନ୍ତି । ଯଦି ମଣିଷମାନେ ସବୁ ଭଲଫଳକୁ ଖାଇଦେବେ, ତେବେ ଅନ୍ୟମାନେ କ’ଣ ଖାଇ ବଞ୍ଚିବେ ? ତେଣୁ ଆମରି ଭଳି କେତୋଟି ଗଛ ଅଛନ୍ତି, ତାଙ୍କର ଫଳ କେବଳ ପଶୁ-ପକ୍ଷୀଙ୍କର ଆହାର ହୋଇଥାଏ । ମଣିଷଙ୍କ ପାଇଁ ତ ଅନେକ ପ୍ରକାର ଫଳ

Source: Author, Digitized by PPRACHIN, SOA

ରହିଛି । ଆମର ଫଳକୁ ମଣିଷ ଖାଇବା ଯୋଗ୍ୟ ନ କରି ଅନ୍ୟମାନଙ୍କ ଖାଇବାପାଇଁ ଭଗବାନ୍ ତିଆରି କରିଛନ୍ତି ।

ଏବେ କୁହ, ଭଗବାନ୍ ଠିକ୍ କରିଛନ୍ତି ନା ନାହିଁ ?

ବରଫଳମାନେ ଏକସଙ୍ଗେ କହି ଉଠିଲେ- "ଠିକ୍ କରିଛନ୍ତି ମା' ତମଠାରୁ ତ ମଣିଷ ଅନେକ କିଛି ପାଇ ପାରୁଛି । ସେଇଥିପାଇଁ ତ ମଣିଷମାନେ ତମକୁ ବରଗଛ ବା ଶ୍ରେଷ୍ଠଗଛ କହି ପୂଜା କରୁଛନ୍ତି । ଫଳ ନ ପାଇଲେ ମଧ୍ୟ ସେମାନେ ତମକୁ ବେଶି ଭଲ ପାଉଛନ୍ତି । ଏଥର ଆମେ ତରଭୁଜକୁ ଉଚିତ ଜବାବ ଦେଇ ପାରିବୁ ।"

ବରଗଛ ପୁଣି ବୁଝାଇ ତାଙ୍କୁ କହିଲା- "ନାଇଁରେ ପିଲେ, ସେମିତି କଥା କହିବ ନାହିଁ । ଯେମିତି କି ତାକୁ ବାଧିବ । ଆମେ ସବୁ ଗଛ ଜନ୍ମ ପାଇଛୁ । ପ୍ରତ୍ୟେକ ନିଜ ନିଜର କ୍ଷମତା ବଳରେ ନିଜର କର୍ତ୍ତବ୍ୟ କରୁଛୁ । ଯାହାର ଯେମିତି କାମ ତାକୁ ସେମିତି କରିବାକୁ ହେବ । ଆମ ସମସ୍ତଙ୍କ ମୂଳକାମ ହେଲା, ପ୍ରାଣୀ ଜଗତର ମଙ୍ଗଳ କରିବା । ତରଭୁଜ ଗଛ ତା'ର କାମ କରୁଛି । ଆମେ ଆମ କାମ କରୁଛୁ । ଆମ ଭିତରେ କେହି ସାନ କି ବଡ଼ ନୁହନ୍ତି । ରୂପରେ ସୁନ୍ଦର କି ବଡ଼ ହେଲେ କେହି ବଡ଼ ହୁଏ ନାହିଁ । ଯିଏ ନିଜ କାମକୁ ଠିକ୍ ଭାବରେ କରିଥାଏ, ସିଏ ହିଁ ମହାନ୍ ହେଇଯାଏ । ଏକଥା ତରଭୁଜକୁ ବୁଝେଇଦେବ ।

■■■

Source: Author, Digitized by PPRACHIN, SOA

ହରିଣ-କୁକୁର କଥା

ଜଙ୍ଗଲଠାରୁ ଦୂରରେ ଗୋଟିଏ ଗାଆଁ । ସେହି ଗାଆଁର ଦୁଇଜଣ ଲୋକ ଦୁଇଟା କୁକୁର ପାଳିଥିଲେ । ଧଳା କୁକୁର ନାଆଁ ବଳିଆ, ଆଉ କଳା କୁକୁର ନାଆଁ ଥିଲା କାଳିଆ । ସେମାନଙ୍କର ମାଲିକମାନେ ତାଙ୍କୁ ଭାରି ଭଲ ପାଉଥିଲେ । ମାଂସ, ଅଣ୍ଡା ଖାଇବାକୁ ଦେଉଥିଲେ । କୁକୁର ଦୁଇଟି ବଡ଼ ହେବା ପରେ ବହୁତ ମୋଟା ଆଉ ବଳୁଆ ହୋଇଗଲେ । ସେମାନେ ମିଳିମିଶି ଖେଳନ୍ତି । ବୁଲାବୁଲି କରିବାକୁ ଗଲେ ନିଜ ଭିତରେ ଗପସପ ହୁଅନ୍ତି । ତାଙ୍କୁ ଦେଖି ଅନ୍ୟ କୁକୁରମାନେ ଲାଙ୍ଗୁଳ ଜାକି ଲୁଚନ୍ତି ।

ଦିନେ କାଳିଆ କୁକୁର ତା' ମାଲିକଠାରୁ ଶୁଣିଲା, "ହରିଣ ମାଂସ ଭାରି ସୁଆଦିଆ ।" ଥରେ ଖାଇଲେ ପାଟିରୁ ଛାଡ଼ିବ ନାହିଁ । ଏକଥା ଶୁଣି କାଳିଆ ପାଟିରୁ ଲାଳ ବୋହିଲା । କେମିତି ହରିଣ ମାଂସ ଖାଇବ, ସେହିକଥା ଭାବି

Source: Author, Digitized by PPRACHIN, SOA

ହେଉଥିଲା । ସେ ବଳିଆ କୁକୁର ପାଖକୁ ଯାଇ ହରିଣ ମାଂସ କେଉଁଠୁ କେମିତି ମିଳିବ ତାକୁ ପଚାରିଲା ।

ବଳିଆ କୁକୁର କହିଲା- "ହରିଣ ହେଉଛି ବଣୁଆ ପଶୁ । ତାକୁ ମଣିଷମାନେ ମାରିପାରିବେ ନାହିଁ । ଆମେ ଦି'ଜଣ ଚେଷ୍ଟାକଲେ, ଜଙ୍ଗଲ ଭିତରକୁ ଯାଇ ହରିଣ ଶିକାର କରିପାରିବା ।"

କାଳିଆ କହିଲା- "ଶୁଭ କାମଟାକୁ ଶୀଘ୍ର କରିବା କଥା । ଚାଲ ଏବେ ଜଙ୍ଗଲକୁ ଯାଇ ଗୋଟାଏ ହରିଣକୁ ଧରି ଆଣିବା ।"

କାଳିଆ ବଳିଆ ମିଶି ଜଙ୍ଗଲ ଭିତରକୁ ଯିବାକୁ ବାହାରି ପଡ଼ିଲେ । ହରିଣ ମାଂସ ଲୋଭରେ ଏକମୁହାଁ ହୋଇ ଜଙ୍ଗଲ ଭିତରକୁ ପଶିଲେ । ସେମାନେ ଆଗରୁ କେବେ ଘନ ଜଙ୍ଗଲ ଦେଖି ନ ଥିଲେ । ତେଣୁ ଅନ୍ଧାରୁଆ ଜଙ୍ଗଲ ଭିତରେ ବଳିଆକୁ ଡର ଲାଗିଲା । ଏଣେ ଚାଲି ଚାଲି ଦୁହେଁଯାକ ଥକି ପଡ଼ିଲେ । କାଳିଆ ସାହସ ଦେଇ କହିଲା- "ଆରେ ! ଡରିଗଲେ ଆମେ କେବେ ବି ହରିଣ ମାଂସ ଚାଖି ପାରିବା ନାହିଁ । ତେଣୁ ମନରୁ ଭୟ ଛାଡ଼ି ଆଗେଇ ଚାଲ । ଆମେ ଆଉ ଅଳ୍ପ ସମୟ ପରେ ହରିଣକୁ ଦେଖି ପାରିବା ।"

ଚାହୁଁ ଚାହୁଁ ସଞ୍ଜ ହୋଇଗଲା । ତଥାପି ଜଙ୍ଗଲ ଭିତରେ ସେମାନେ କେଉଁଠି ହେଲେ ଗୋଟାଏ ହରିଣକୁ ଦେଖି ପାରିଲେ ନାହିଁ । ଚାରିଆଡ଼େ ଅନ୍ଧାର । ବଳିଆ କହିଲା- "କାଳିଆଭାଇ '! ଆଜି ଆଉ ମୁଁ ଚାଲିପାରିବି ନାହିଁ । ରାତିରେ ଜଙ୍ଗଲ ବାଟ ମୋତେ ଦେଖାଯାଉ ନାହିଁ । ଚାଲ ଫେରିଯିବା । ମୋର ହରିଣ ମାଂସ ଖାଇବା ଦରକାର ନାହିଁ ।"

କାଳିଆ କୁକୁର କହିଲା- "ଏବେ ତ ରାତି ହେଇଗଲାଣି । ଗାଆଁକୁ କେମିତି, କେଉଁ ବାଟ ଦେଇ ଫେରିବା ଜାଣି ହେଉ ନାହିଁ । ଚାଲ ଏଇଠି କୋଉଠି ବୁଦାମୂଳେ ଲୁଚି ରହିଯିବା । ସକାଳ ହେଲେ, ଗୋଟାଏ ହରିଣକୁ ଧରି ଗାଆଁକୁ ଫେରିବା ।"

Source: Author, Digitized by PPRACHIN, SOA

କାଳିଆ ବଳିଆ ଦୁହେଁ ଅନ୍ଧାରରେ ବାଟ ଅଣ୍ଡାଳି ଅଣ୍ଡାଳି ଗୋଟାଏ ଗାତରେ ପଡ଼ିଗଲେ । ଏଣେ ବାଘ ଭାଲୁଙ୍କର ହେଣ୍ଟାଳ ରଡ଼ି ଶୁଣି ଭୟରେ ଥରିବାକୁ ଲାଗିଲେ । ସେମାନେ ଗାତରେ ଥାଇ ମଲାପରି ଚୁପ୍‌ଚାପ୍ ଶୋଇପଡ଼ିଲେ । ତାଙ୍କ କଥା ଶୁଣି କାଳେ ବାଘ କି ଭାଲୁ ତାଙ୍କ ପାଖକୁ ଚାଲିଆସିବେ ଭାବି ସେମାନେ କେହି କାହାରିକୁ କଥା କହିଲେ ନାହିଁ। କେବଳ ଠରାଠରି ହୋଇ ଚାରିଆଡ଼କୁ ଚାହିଁ ଭୟରେ ଥରୁଥା'ନ୍ତି ।

ରାତି ପାହି ସକାଳ ହେଲା । କାଳିଆ ବଳିଆ ପୁଣି ହରିଣକୁ ଖୋଜିବାକୁ ବାହାରି ପଡ଼ିଲେ । ସାରାଦିନ ସେମାନେ କିଛି ଖାଇ ନାହାନ୍ତି । ଏଣେ ରାତି ଅନିଦ୍ରା । ଚାଲି ଚାଲି ତାଙ୍କର ଚାରିଗୋଡ଼ ଥକି ପଡ଼ିଥାଏ। ବଳିଆ କହିଲା- "କାଳିଆଭାଇ ! ହରିଣ ନ ମିଳିଲା ନାହିଁ । ଆମ ଗାଆଁକୁ ଫେରିବା ବାଟ ଖୋଜି ବାହାର କର । ଘରକୁ ଫେରିଯିବା । ତେଣେ ମାଲିକ ଆମ ଉପରେ ରାଗି ରହିଥିବେ । ଦେଖିଲେ ପିଟି ପିଟି ମାରିଦେବେ ।"

କାଳିଆ ତାକୁ ବୁଝେଇ କହିଲା- "ଆମେ ତ ଜଙ୍ଗଲ ଭିତରକୁ ପଶି ଆସିଛେ, ଆଉ ଗାଆଁର ବାଟ ମୁଁ ଜାଣିପାରୁ ନାହିଁ । ଏ ଜଙ୍ଗଲରୁ ଆମେ ଆଉ ଫେରିପାରିବା ନାହିଁ, ତେଣୁ ଜୀବନ ଯିବା ପୂର୍ବରୁ ଗୋଟାଏ ହରିଣର ମାଂସ ଟିକିଏ ଚାଖିଦେବା । ତେଣୁ ଫେରିବା କଥା ନ ଭାବି ହରିଣ ଆସିବା ବାଟକୁ ଦେଖ ।"

ତା' ପର ଦିନଟାଯାକ ସେମାନେ ହରିଣ ଖୋଜି ଖୋଜି ଜଙ୍ଗଲ ସାରା ବୁଲିଲେ। ବାଟରେ କେତେ ବଡ଼ ବଡ଼ ହିଂସ୍ରଜନ୍ତୁ, ବାଘ, ଭାଲୁ, ହାତୀ, ଗଣ୍ଡା ଓ ଗୟଳଙ୍କ ଗର୍ଜନ ଶୁଣି ସେମାନେ ଜୀବନ ବିକଳେ ଲୁଚି ପଡୁଥା'ନ୍ତି । ଦୂରରୁ ତାଙ୍କର ଭୟଙ୍କର ରୂପକୁ ଦେଖି ବଳିଆ କହିଲା- "ଭାଇ ! ଆମେ ଜଙ୍ଗଲକୁ ଆସି ବହୁତ ବଡ଼ ଭୁଲ୍ କାମ କରିଦେଇଛୁ । ଏଥର ଆମର ଜୀବନଟା

Source: Author, Digitized by PPRACHIN, SOA

ଗଲା ବୋଲି ଜାଣ । ତୋର ଆଉ ମୋର ଏଭଳି ଅବସ୍ଥାକୁ ଦେଖିଲେ, ଅନ୍ୟ କୁକୁରମାନେ ହସିବେ । ଆମକୁ ଲାଜ ମାଡ଼ିବ ।”

କାଳିଆ କହିଲା- “ଆରେ ବଳିଆ ! ଆମର ବଳ ପରାକ୍ରମକୁ ଦେଖି ଆମ ଗାଆଁର କୁକୁରମାନେ ତ ପୁଣି ଆମର ଗର୍ଜନ ଶୁଣି ଏଇମିତି ଛାନିଆଁ ହୋଇ ଦୂରକୁ ପଳାଇ ଯାଇ ଲୁଚିଛନ୍ତି । ଏଥିରେ ଲାଜ କରିବାର କିଛି ନାହିଁ । ଆମେ ଜଙ୍ଗଲକୁ ଆସିଛୁ । ଜୀବନଟା ଯାଉ ପଛେ ହରିଣକୁ ଖୋଜି ବାହାର କରିବାକୁ ହେବ । ତୁ ଗୋଟାଏ କାମ କର । ଜଙ୍ଗଲର ପୂର୍ବ ଦିଗକୁ ମୁଁ ଯାଉଛି । ତୁ ପଶ୍ଚିମ ଦିଗକୁ ଯା’ । ଯଦି ହରିଣକୁ ପାଇଯାଉ ତେବେ ମୋତେ ଡାକିବୁ । ମୁଁ ଯଦି ତାକୁ ଆଗ ପାଏ, ତେବେ ମୁଁ ତୋତେ ଡାକିବି । ଦୁହେଁ ମିଶି ହରିଣକୁ ମାରି ତା’ ମାଂସ ଖାଇବା ।

ସତକୁ ସତ ଦୁଇଟି କୁକୁର ଦୁଇଆଡ଼କୁ ମୁହେଁଇଲେ । କିଛିବାଟ ଯିବାପରେ ବଳିଆ ଆଉ ଚାଲି ପାରିଲା ନାହିଁ । ଏଣେ ବଣୁଆ ପଶୁଙ୍କର ଭୟ, ତେଣେ ପେଟରେ ଭୋକ । ଶୋଷରେ ତଣ୍ଟି ଶୁଖିଯାଉଛି । କ’ଣ କରିବ, ସେ କିଛି ଭାବି ପାରିଲା ନାହିଁ। ଆଉ କିଛି ବାଟ ଘୋଷାଡ଼ି ହେଲା । ଶେଷରେ ତା’ର ଜୀବନ ଛାଡ଼ିଗଲା ।

ତେଣେ କାଳିଆ ବୁଲି ବୁଲି ଥକିପଡ଼ିଲା । ଯେତେ ଜୋର୍‌ରେ ଚିତ୍କାର କଲେ ବି ସେ କିଛି ଜବାବ ପାଇଲା ନାହିଁ । ଆଉ ଅଳ୍ପ ସମୟ ପରେ ପୁଣି ସଞ୍ଜ ନଇଁ ଆସିବ । ବାଘ, ଭାଲୁ ଯଦି ତାକୁ ଭେଟିଯିବେ, ତା’ହେଲେ ତାକୁ ମାରି ଖାଇ ଯିବେ ।

ଏକଥା ଭାବୁ ଭାବୁ ସେ ଭୟରେ ଥରି ଥରି ତଳେ କଚାଡ଼ି ପଡ଼ିଲା । ଉଠି ଠିଆ ହେବାକୁ ଆଉ ତା’ର ବଳ ପାଇଲା ନାହିଁ । ତଳେ ପଡ଼ି ଭାବୁଥିଲା ଏଇଠି ମୋ ଜୀବନଟା ଛାଡ଼ିଯିବ । ଶେଷବେଳକୁ ବଳିଆର ମୁହଁ କି ମାଲିକର ମୁହଁ ଟିକେ ଦେଖି ପାରିବି ନାହିଁ ।

Source: Author, Digitized by PPRACHIN, SOA

ଠିକ୍ ସେତିକିବେଳେ ଗୋଟାଏ ହରିଣ ଆସି ସେଇଠି ପହଞ୍ଚିଲା । ସେ କୁକୁର ଅବସ୍ଥାକୁ ଦେଖି ତାକୁ ପଚାରିଲା- "ତୁ କିଏ, ଏଠି ପଡ଼ି ରହିଛୁ କାହିଁକି ?"

କାଳିଆ କହିଲା- "ମୁଁ ଗୋଟାଏ କୁକୁର, ଗାଆଁରେ ରହେ । ମୋ ସାଙ୍ଗ ସହିତ ମିଶି ଜଙ୍ଗଲ ବୁଲି ଆସିଥିଲି । ମୋ ସାଙ୍ଗ ଜଙ୍ଗଲରେ ହଜିଗଲା । ଗାଆଁକୁ ଯିବାର ବାଟ ପାଉ ନାହିଁ । ଭାବୁଛି, ଏଇଠି ପଡ଼ି ପଡ଼ି ମରିଯିବି ।"

ହରିଣ ତା' ଦୁଃଖରେ ଦୁଃଖୀ ହୋଇ କହିଲା- "ମୁଁ ହେଉଛି ହରିଣ । ଏଇ ଜଙ୍ଗଲରେ ରହେ । ଜଙ୍ଗଲର ସବୁ ବାଟ ମୋତେ ଜଣା । ତୁ ମୋ ପିଠି ଉପରେ ବସିପଡ଼ । ମୁଁ ତୋତେ କାନ୍ଧେଇ ଗାଆଁ ବାଟରେ ଛାଡ଼ିଦେଇ ଆସିବି । ବିପଦବେଳେ ଅନ୍ୟକୁ ସାହାଯ୍ୟ କରିବା ସବୁ ପ୍ରାଣୀର ଧର୍ମ । ଆ' ମୋ ପିଠିରେ ବସ ।"

ଏତେଦିନ ପରେ ହରିଣକୁ ପାଖରେ କାଳିଆ ପାଇ ଯେତିକି ଖୁସି ହେଲା ସେତିକି ଦୁଃଖୀ ହେଲା । କାରଣ ହରିଣକୁ ମାରିବାପାଇଁ ତା' ଦେହରେ ଆଉ ବଳ ନ ଥିଲା । ସେ ନିଜ ଜୀବନଟାକୁ ବଞ୍ଚେଇବା ପାଇଁ ଆଗପଛ ବିଚାର ନ କରି ତା' ପିଠିରେ ବସିପଡ଼ିଲା । କହିଲା- "ଭଗବାନ୍ ତୋର ମଙ୍ଗଳ କରିବେ । ମୋତେ ନେଇ ଟିକେ ଆମ ଗାଆଁ ମୁଣ୍ଡରେ ଛାଡ଼ିଦେବୁ । ଆଉ ପାଦେ ବି ଚାଲିବାକୁ ମୋର ବଳ ନାହିଁ ।"

ହରିଣ ପିଠିରେ ବସି କାଳିଆ ଜଙ୍ଗଲ ଭିତରେ ଯାଉଥାଏ । ମନେ ମନେ ହରିଣ କଥା ବି ଭାବୁଥାଏ । ମଝିରେ ମଝିରେ ହରିଣ ଦେହକୁ ଟିକେ ଶୁଙ୍ଘି ପକାଇ ମନକୁ ମନ କହୁଥାଏ- ଆଃ ! କି ସୁନ୍ଦର କଅଁଳ ଛନଛନିଆ ହେଇଛି- ଏଇ ହରିଣ ମାଂସ । ସତରେ ଭାରି ସୁଆଦିଆ ହେଇଥିବ । ମୋ ମାଲିକ ହରିଣ ମାଂସ ଚାଖିଛି କିନ୍ତୁ ଏବେ କିଛି ଉପାୟ ନାହିଁ । କେମିତି ଯଦି

Source: Author, Digitized by PPRACHIN, SOA

ହରିଣଟାକୁ ମାରି ହୁଅନ୍ତା, ତେବେ ଜୀବନକାଳ ଭିତରେ ଥରେ ତା' ମାଂସର ସୁଆଦଟାକୁ ଚାଖି ପାରନ୍ତି । ତେଣୁ ଏଥିପାଇଁ ହରିଣକୁ ଭୁଲେଇ ଭାଳେଇ ମୋ ମାଲିକ ପାଖକୁ ନେଇ ଯିବାକୁ ହେବ । ମୋ ମାଲିକ ତ ହରିଣ ମାଂସର ସୁଆଦ ଜାଣେ । ସେ କଳେବଳେ ତାକୁ ଧରି ମାରିଦେବ ।

ଏହିପରି ଖରାପ ଭାବନାରେ କାଳିଆ ବୁଡ଼ି ରହିଥାଏ । କେତେବେଳେ ସେ ଆସି ଗାଆଁ ମୁଣ୍ଡରେ ପହଞ୍ଚିଗଲାଣି ସେକଥା ସେ ଜାଣିପାରିଲା ନାହିଁ ।

କାଳିଆ ନିଜ ଗାଆଁକୁ ଚିହ୍ନିପାରି କହିଲା- "ହରିଣଭାଇ ! ହେଇତ ଆମ ଗାଆଁ ହେଇଗଲା । ଆଉ ଅଳ୍ପ ବାଟ ଗଲେ ଆମ ମାଲିକର ଘର ପଡ଼ିବ । ମୋତେ ଟିକେ ନେଇ ତାଙ୍କ ଘର ପାଖରେ ଛାଡ଼ି ଦେଇ ଆସିବ ? ମୋ ମାଲିକ ଭାରି ଭଲଲୋକ । ସେ ତୋତେ କେତେ ବଢ଼ିଆ ବଢ଼ିଆ ଜିନିଷ ଖାଇବାକୁ ଦେବେ ।"

ହରିଣ ତା' କଥା ଶୁଣି ସେଇଠି ଠିଆହେଇ ପଡ଼ିଲା । ହଠାତ୍ କାଳିଆକୁ ପିଠିରୁ ତଳକୁ ଖସେଇ ପକେଇ କହିଲା- "ହଉରେ କାଳିଆ ! ଏବେ ତୋ' ଗାଆଁ ତ ହେଇଗଲା । ଏଇଠୁ ଚାଲି ଚାଲି ଘରକୁ ଯା' । ମୋ ମାଆ କହିଛି, ଅସୁବିଧାରେ ପଡ଼ିଥିବା ପ୍ରାଣୀଙ୍କୁ ସାହାଯ୍ୟ କରିବୁ । କିନ୍ତୁ ଅତ୍ୟଧିକ ସାହାଯ୍ୟ କରିବୁ ନାହିଁ । ପୁଣି କହିଛି- ସମସ୍ତଙ୍କୁ ବିଶ୍ୱାସ କରିବୁ, କିନ୍ତୁ ଅତ୍ୟଧିକ ବିଶ୍ୱାସ କରିବୁ ନାହିଁ । ମୁଁ ତୋ ବିପଦ ବେଳେ ସାହାଯ୍ୟ କରିଛି, ବିଶ୍ୱାସ ବି କରିଛି କିନ୍ତୁ ମୋ ମାଆଙ୍କ କଥାକୁ ମାନି ଅତ୍ୟଧିକ ବିଶ୍ୱାସ କରିପାରୁ ନାହିଁ ।"

ଏତିକି କହି ହରିଣ ଜଙ୍ଗଲ ଆଡ଼କୁ ଧାଇଁଲା । କାଳିଆ ବିଚରା ନିଜ ଜିଭଟାକୁ ଚାଟି ତା' ଆଡ଼କୁ ବିକଳ ହେଇ ଚାହିଁ ରହିଥାଏ । ଭାବୁଥିଲା କେଡ଼େ ସୁଯୋଗଟା ହାତରୁ ଖସିଗଲା, ହରିଣ ମାଂସ ଖାଇବା ମୋ ଭାଗ୍ୟରେ ନାହିଁ ।

■■■

Source: Author, Digitized by PPRACHIN, SOA

ମୟୂର ରଜା

ସମୁଦ୍ର ଭିତରେ ନୂଆ ଦ୍ୱୀପଟିଏ ଗଢ଼ି ଉଠିଥିଲା । କିଛି ଦିନପରେ ନାନା ରକମର ଗଛ ଲତାରେ ସେ ଦ୍ୱୀପଟି ଭରପୂର ହୋଇଗଲା । ସେ ଦ୍ୱୀପଟି ଦୂରରୁ ଗୋଟାଏ ବଡ଼ ଜଙ୍ଗଲ ଭଳି ଦିଶିଲା । ତା' ଚାରିପଟେ କେବଳ ସମୁଦ୍ରର ଲହଡ଼ି ଆଉ ଲୁଣି ପାଣି । ତେଣୁ ସେଠାକୁ କୌଣସି ବାହାର ରାଜ୍ୟର ପଶୁ ଯାଇପାରୁ ନ ଥିଲେ । ସେଠାରେ କୌଣସି ପ୍ରକାର ବିପଦ ନ ଥିବାରୁ ବିଭିନ୍ନ ପ୍ରକାର ପକ୍ଷୀ ଆସି ଗଛରେ ବସା ବାନ୍ଧି ରହିଲେ । କିଛିଦିନ ପରେ ଦେଖାଗଲା– ବିଦେଶୀ ପକ୍ଷୀମାନେ ମଧ୍ୟ ସମୁଦ୍ର ଉପର ଦେଇ ଉଡ଼ି ଆସି ସେ ଦ୍ୱୀପରେ ବସା ବାନ୍ଧିଲେ । ଧୀରେ ଧୀରେ ପକ୍ଷୀମାନଙ୍କର ସଂଖ୍ୟା ବଢ଼ି ଚାଲିଲା । କେବେ ବସା ବାନ୍ଧିବାକୁ ନେଇ ତ କେବେ ପୁଣି ଖାଦ୍ୟକୁ ନେଇ ସେମାନେ ପରସ୍ପର ମଧ୍ୟରେ ଝଗଡ଼ା ଓ ମାଡ଼ଗୋଳ ଲାଗିଲେ । ସୁନ୍ଦର ଦ୍ୱୀପର ଜଙ୍ଗଲଟି ଗୋଟିଏ ଅଶାନ୍ତ ରାଜ୍ୟରେ ପରିଣତ ହେଇଗଲା । ବଳୁଆ ପକ୍ଷୀମାନଙ୍କର ବିକଟାଳ ରଡ଼ି ସାଙ୍ଗକୁ ନିରୀହ ପକ୍ଷୀମାନଙ୍କର ବିକଳ କାନ୍ଦ ଶବ୍ଦରେ ଜଙ୍ଗଲଟା ଥରହର ହେଲା ।

ସେହି ଜଙ୍ଗଲରେ ମୟୂରଟିଏ ବି ରହୁଥାଏ । ସେ ଦେଖିବାକୁ ଯେମିତି ସୁନ୍ଦର, ଆକାରରେ ବି ସେମିତି ବଡ଼ । କେବଳ ସେତିକି ନୁହେଁ, ତା'ର କେକା ରାବରେ ସମଗ୍ର ଜଙ୍ଗଲଟା ପୂରି ଉଠେ । ସେଇଥିପାଇଁ ତାକୁ ଅନେକ ପକ୍ଷୀ ମାନନ୍ତି । ଭଲ ପାଆନ୍ତି । ଜଙ୍ଗଲରେ ଶାନ୍ତି ଫେରାଇ ଆଣିବାପାଇଁ ଦିନେ ଦଳେ ପକ୍ଷୀ ଯାଇ ମୟୂରକୁ ଗୁହାରି କଲେ । ଜଣେ କେହି ରଜା ନ ରହିଲେ, କେହି କାହାକୁ ମାନୁ ନାହାନ୍ତି । ତେଣୁ ଆମର ଜଣେ ରଜା ଦରକାର । ନୂଆ ପକ୍ଷୀ ରାଜ୍ୟରେ ଆପଣ ରଜା ହେଇ ଆମକୁ ଶାସନ କରନ୍ତୁ । ଆମେ ସମସ୍ତେ ଆପଣଙ୍କ ଆଦେଶକୁ ପାଳନ କରିବୁ । ସମସ୍ତଙ୍କ ଅନୁରୋଧକୁ ରକ୍ଷା କରି

Source: Author, Digitized by PPRACHIN, SOA

ମୟୂର ରଜା ହେବାକୁ ରାଜି ହେଲା । ବଲୁଆ ପକ୍ଷୀ ଚିଲ ତାଙ୍କର ସେନାପତି ଦାୟିତ୍ୱ ଗ୍ରହଣ କଲା ।

ପକ୍ଷୀମାନେ ପରସ୍ପର ମଧ୍ୟରେ କାହିଁକି ଝଗଡ଼ା, ମାଡ଼ଗୋଳ ଲାଗୁଛନ୍ତି, ସେ ବିଷୟ ବୁଝି ଆସିବାକୁ କାଉକୁ ଦାୟିତ୍ୱ ଦିଆଗଲା ।

କାଉ ତ ସବୁଠାରୁ ଚତୁର ପକ୍ଷୀ । ସେ ପ୍ରତ୍ୟେକ ପକ୍ଷୀଙ୍କ ପାଖକୁ ଯାଇ ତାଙ୍କର ସୁବିଧା ଅସୁବିଧା କଥା ବୁଝି ଆସିଲା । ମୟୂର ରଜା କାଉଠାରୁ ଟିକିନିଖି ସବୁ ଖବର ନେଇ ଜାଣିଲା, ଏ ନୂଆ ରାଜ୍ୟରେ ରହୁଥିବା ପକ୍ଷୀମାନେ ଅନ୍ୟ ଜାଗାରୁ ଆସିଛନ୍ତି। ବିନା ପରିଶ୍ରମରେ ସେମାନେ ତ ପ୍ରଚୁର ଖାଦ୍ୟ ପାଉଛନ୍ତି । କାହାରିକୁ କିଛି ନିର୍ଦ୍ଦିଷ୍ଟ କାମ ଦିଆଯାଇ ନାହିଁ । କାହାରି କିଛି ଦାୟିତ୍ୱ ନ ଥିବାରୁ ସେମାନେ ଯିଏ ଯାହା ଇଚ୍ଛାରେ ଖାଇ ପିଇ ମାଡ଼ଗୋଳରେ ମାତିଛନ୍ତି । କୌଣସି ପକ୍ଷୀ କିଛି ଭୁଲ୍ କଲେ, ସେଥିପାଇଁ ଦଣ୍ଡ ବ୍ୟବସ୍ଥା ନାହିଁ। ତେଣୁ କିଛି ଗୋଟାଏ ସ୍ଥାୟୀ ବ୍ୟବସ୍ଥା କରିବାକୁ ହେବ। ବିଭିନ୍ନ ପକ୍ଷୀଙ୍କୁ କିଛି କିଛି ଦାୟିତ୍ୱ ଦେବାକୁ ହେବ । ତେବେ ଯାଇ ସେମାନେ ଏହି ରାଜ୍ୟକୁ ନିଜର ବୋଲି ଭାବିବେ ।

ଦିନେ ମୟୂର ରଜା ପକ୍ଷୀମାନଙ୍କୁ ଡକାଇ ଗୋଟାଏ ସଭା ବସାଇଲେ । ରାଜ୍ୟରେ ଶାନ୍ତି ରକ୍ଷା ଓ ସୁରକ୍ଷା ପାଇଁ କିଏ କ'ଣ କରିପାରିବ ? ସେକଥା ପଚାରି ବୁଝିଲେ।

କେହି କିଛି କହିବା ପୂର୍ବରୁ ରଜା ନିଜକୁ ଜଣେ ପ୍ରଜା ସେବକ ଭାବେ କାମ କରିବାପାଇଁ କହିଲେ- "ମୁଁ ଲକ୍ଷ୍ୟ କରୁଛି, କେତେଟା ବିଷଧର ସାପ ସମୁଦ୍ର ଭିତରୁ ଆସି ଆମ ରାଜ୍ୟରେ ପଶୁଛନ୍ତି । ସୁବିଧା ଦେଖି ସେମାନେ ଛୋଟ ଛୋଟ ପକ୍ଷୀଙ୍କୁ ଶିକାର କରୁଛନ୍ତି । ମୁଁ ଆଜିଠାରୁ ସେମାନଙ୍କୁ ମାରି ଦେବା ଦାୟିତ୍ୱ ନେଲି ।"

ସେନାପତି ଚିଲ ତାଙ୍କ କଥାକୁ ସମର୍ଥନ କରି କହିଲା- "ରଜାଙ୍କୁ ଏହି କାର୍ଯ୍ୟରେ ମୁଁ ବି ସହଯୋଗ କରିବି । ଖାଲି ସାପ କାହିଁକି ବିଛାଠାରୁ ଆରମ୍ଭ

Source: Author, Digitized by PPRACHIN, SOA

କରି କେତେଟା ସରୀସୃପ ବି ଲୁଚି ଛପି ଆମ ପକ୍ଷୀରାଜ୍ୟକୁ ଚାଲି ଆସିଛନ୍ତି । ତାଙ୍କୁ ନିପାତ କରିବା ଦାୟିତ୍ୱ ମୁଁ ନେବି ।"

ରାଜ୍ୟର ଦୂତ ଭାବରେ କାମ କରିବାକୁ କାଉ ସମ୍ମତି ଜଣାଇଲା । ପ୍ରତିଦିନ ବଡ଼ି ସକାଳୁ ଉଠି ସମସ୍ତଙ୍କୁ କା-କା ଡାକରେ ସୁପ୍ରଭାତ ଜଣାଇବାକୁ ରଜା ତାକୁ ଆଦେଶ ଦେଲେ ।



କୋଇଲି ଲଳିତ କଣ୍ଠରେ ସୁମଧୁର ଗୀତ ଗାଇ ପକ୍ଷୀମାନଙ୍କର ମନୋରଞ୍ଜନ କରିବ ବୋଲି କହିଲା । କାଠହଣା ଚଢ଼େଇକୁ ବଢ଼େଇ କାମ ଦିଆଗଲା । ଶୁଆ ଶାରୀ ଦୈନିକ ହରିନାମ ଭଜନ କରି ପରିବେଶକୁ ଆନନ୍ଦମୟ କରିବେ ବୋଲି ଠିକ୍ କରାଗଲା । ବାଇ ଚଢ଼େଇ କହିଲା- "ମୁଁ ଜଣେ ସୂକ୍ଷ୍ମ କାରିଗର । ସୂକ୍ଷ୍ମ କାରୁକାର୍ଯ୍ୟ କରିବାପାଇଁ ଯେତେବେଳେ ଯାହା ଦରକାର ମୁଁ କରିବି ।"

ଶାଗୁଣା କହିଲା- "ଅନ୍ୟ ପକ୍ଷୀମାନଙ୍କର ଛୋଟ ଛୋଟ ଛୁଆମାନଙ୍କୁ ମୁଁ ଜଗାରଖା କରିବି । ତାଙ୍କର ବାପା ମାଆ ପକ୍ଷୀ ରାଜ୍ୟର ମଙ୍ଗଳ କାମ ନିର୍ଭୟରେ କରିବାକୁ ଯାଇ ପାରିବେ । ଶତ୍ରୁ ଆସିଲେ, ମୁଁ ତାଙ୍କୁ ମାରି ଖାଇଦେବି ।"

Source: Author, Digitized by PPRACHIN, SOA

ଛୋଟ ଛୋଟ ପକ୍ଷୀମାନେ କହିଲେ- "ଆମେ ବଡ଼ପକ୍ଷୀମାନଙ୍କୁ ସବୁ କାମରେ ସାହାଯ୍ୟ କରିବୁ ।"

ଭଦଭଦଳିଆ ବିଦେଶୀ ପକ୍ଷୀମାନଙ୍କୁ ସ୍ୱାଗତ ଜଣାଇ ଆମ ରାଜ୍ୟର ଭଦ୍ରାମୀର ପରିଚୟ ଦେବାକୁ କହିଲା- "ମୁଁ ପ୍ରତିଦିନ ପ୍ରଭାତ ବନ୍ଦନା ଗାଇ ସମସ୍ତଙ୍କ ମନକୁ ଉଲ୍ଲସିତ କରିବି ।" ଟେଁଟେଁଇ ଚଢ଼େଇ କହିଲା- "ମୋତେ ତ ରାତିରେ ନିଦ ହୁଏ ନାହିଁ, ତେଣୁ ମୁଁ ରାତିସାରା ଆକାଶରେ ଉଡ଼ି ଶତ୍ରୁ ଠାବ କରିବି । ବିପଦର ସୂଚନା ପାଇଲେ, ସମସ୍ତଙ୍କୁ ସତର୍କ କରାଇଦେବି ।"

ଘରଚଟିଆ, କପୋତ ଆଉ ବଣି ମିଶି କହିଲେ- "ଆମେ ମଣିଷଙ୍କ ପାଖେ ପାଖେ ରହି ତାଙ୍କଠାରୁ ଅନେକ ଭଲ କାମ ଶିଖିଛୁ । ସେ ସବୁ ଭଲ ବ୍ୟବହାର, ପର ଉପକାର ଭଳି ଭଲ କାମ କେମିତି କରିବାକୁ ହେବ, ତାହା ଆମେ ଅନ୍ୟ ପକ୍ଷୀମାନଙ୍କୁ ଶିଖାଇଦେବୁ ।"

ଏସବୁ କାମ ବଣ୍ଟା ସରିବା ବେଳକୁ ଗେଣ୍ଡାଳିଆ ଆସି କହିଲା- "ସବୁ ଠିକ୍ ହେଲା ଯେ, ଆମ ରାଜ୍ୟର ସଫାସୁତରା ଦାୟିତ୍ୱ ନେବ କିଏ ?" ସେ କଥା ତ ଆଲୋଚନା ହେଲା ନାହିଁ । କାରଣ ଅସ୍ୱାସ୍ଥ୍ୟକର ପରିବେଶରେ ବିଭିନ୍ନ ରୋଗ ହୋଇଥାଏ । ସେଇଥିପାଇଁ ଅଳ୍ପ ସମୟ ଭିତରେ ହଜାର ହଜାର ପକ୍ଷୀ ମରି ଯାଆନ୍ତି । ତା'ର କିଛି ଗୋଟାଏ ବ୍ୟବସ୍ଥା କଲେ, ପକ୍ଷୀ ସମାଜ ବଞ୍ଚିଯାଇପାରିବ ।"

ଗେଣ୍ଡାଳିଆର କଥା ସମସ୍ତଙ୍କ ମନକୁ ପାଇଲା । ରଜା କହିଲେ, "ସତରେ ଆମେ ସବୁ ପରିବେଶ ସୁରକ୍ଷା କଥାଟାକୁ ଏକବାରେ ଭୁଲି ଯାଇଥିଲୁ । ଏଇଟା ଗୋଟାଏ ଗୁରୁତ୍ୱପୂର୍ଣ୍ଣ କାମ । ଏତେବଡ଼ ଦାୟିତ୍ୱଟା କାହାକୁ ଦିଆଯିବ ? ମୁଁ ଭାବୁଛି କୌଣସି ଗୋଟିଏ ପକ୍ଷୀ ଏ କାମଟିକୁ କରିପାରିବ ନାହିଁ । ତେଣୁ ଆମେ ସମସ୍ତେ ମିଶି କାମଟିକୁ କରିବା ।"

Source: Author, Digitized by PPRACHIN, SOA

ମୟୂର ରଜାର କଥା ନ ସରୁଣୁ, ଶାଗୁଣା କହିଲା- "ମୁଁ ଆଉ ଆଉ ଏତେ ଚିନ୍ତା କାହିଁକି କରୁଛନ୍ତି ? ବଡ଼ ବଡ଼ ଶବକୁ ମୁଁ ଖାଇ ସଫା କରିଦେବି । ବେଙ୍ଗ, ମୂଷା ଭଳି ଛୋଟ ଛୋଟ ଜୀବଙ୍କୁ ଚିଲ, କାଉ ଏବଂ ଅନ୍ୟମାନେ ଖାଇ ସଫା କରିଦେବେ ।"

ସେନାପତି ଚିଲ ଆଉ ଦୂତ କାଉ କହିଲେ, "ପରିବେଶ ସଫାସୁତର ରହିଲେ, ଆମେ ସମସ୍ତେ ଭଲରେ ରହିବା । ତେଣୁ ଭଲ କାମ କରିବାପାଇଁ ଆମେ କେହି କୁଣ୍ଠାବୋଧ କରିବା ନାହିଁ । ନିଜ କାମ ସହିତ ଆମେ ପରିବେଶକୁ ସଫା କରିବା କାମରେ ସାହାଯ୍ୟ କରିବୁ ।"

ଚିଲ, କାଉଙ୍କର କଥା ଶୁଣି ଅନ୍ୟ ଛୋଟ ପକ୍ଷୀମାନେ କହିଲେ, "ଆମେ ଭିନ୍ନ ଗଛ ପତ୍ରରେ ଲାଗୁଥିବା କୀଟପତଙ୍ଗମାନଙ୍କୁ ଖାଇ ସଫା କରିଦେବୁ ।"

ସତକୁ ସତ ପକ୍ଷୀମାନେ ଆନନ୍ଦରେ ସେହିଦିନଠାରୁ ନିଜ ନିଜର କାମକୁ ବଡ଼ ନିଷ୍ଠାର ସହିତ କରି ଚାଲିଲେ । ପରସ୍ପରକୁ ସାହାଯ୍ୟ ସହଯୋଗ କଲେ । ତାଙ୍କୁ ଦିଆଯାଇଥିବା କାମରେ ଲାଗି ରହିଲେ। ମୟୂର ରଜାଙ୍କୁ ସମସ୍ତେ ମାନିଲେ । ବଡ଼ ଗଛ ଉପରେ ବଡ଼ ବଡ଼ ପକ୍ଷୀମାନେ ତାଙ୍କର ବସା ବାନ୍ଧି ରହିଲେ । ଛୋଟ ପକ୍ଷୀମାନେ ବୁଦାମୂଳେ ବସା ବାନ୍ଧିଲେ । କେତେକ ଅଣ୍ଟିଆ ପକ୍ଷୀ ଗାତ ଖୋଳି ସେଥିରେ ଘର କରି ରହିଲେ । ପେଚା କୋରଡ଼ରେ ବସା ତିଆରି କରି ରହିଲା । ନିଜ ନିଜର ରୁଚିର ଖାଦ୍ୟ ଖୋଜି ସେମାନେ ଖାଇଲେ ।

ସେହିଦିନରୁ ପକ୍ଷୀମାନଙ୍କ ମଧ୍ୟରେ ଆଉ ଝଗଡ଼ା ଲାଗିଲା ନାହିଁ । ପକ୍ଷୀ ରାଜ୍ୟଟି ଗୋଟାଏ ଶାନ୍ତି ରାଜ୍ୟରେ ପରିଣତ ହୋଇଗଲା । ସମସ୍ତେ ଖୁସିରେ ରହିଲେ ।

■■■

Source: Author, Digitized by PPRACHIN, SOA

ଅହଂକାରୀ ସିଂହ

ଗୋଟାଏ ବଡ଼ ଜଙ୍ଗଲ ଥିଲା । ସେହି ଜଙ୍ଗଲରେ ଅନେକ ପଶୁ ପକ୍ଷୀ ରହୁଥା'ନ୍ତି । ଗୋଟାଏ ବଳବାନ୍ ସିଂହ ସେହି ଜଙ୍ଗଲରେ ରାଜା ହୋଇ ରହିଥାଏ । ତା'ର ସରୁ କଟି, ଲମ୍ବାଦାଢ଼ି, ଭୀଷଣ ଗର୍ଜନ ଓ ବଡ଼ ବଡ଼ ନାଲି ଆଖିକୁ ଦେଖି ସମସ୍ତେ ତାକୁ ଡରୁଥାନ୍ତି । ପାଖ ଜଙ୍ଗଲର ରାଜା, ବାଘ, ହାତୀ ଆଉ ଗଣ୍ଡା, ଗୟଳ ବି ତାକୁ ଡରୁଥିଲେ । ସେ ଇଚ୍ଛା କଲେ, ନିରୀହ ପଶୁମାନଙ୍କୁ ମାରି ଖାଇ ଯାଉଥିଲା । ବିନା କାରଣରେ ବଡ଼ ବଡ଼ ପଶୁମାନଙ୍କୁ ମାରି ଜଙ୍ଗଲରେ ପକାଇ ଦେଉଥିଲା । ସୁଯୋଗ ପାଇଲେ ପାଖ ଜଙ୍ଗଲକୁ ଯାଇ ବାଘ, ହାତୀ, ଗଣ୍ଡା ଓ ଗୟଳମାନଙ୍କୁ ମଧ୍ୟ ମାରି ପକାଉଥିଲା । ତା'ର ଅବିଚାର ଓ ଅନ୍ୟାୟ କାମକୁ କେହି ବାଧା ଦେଇପାରୁ ନ ଥିଲେ । ସିଂହର ବଳ ଆଉ ପରାକ୍ରମକୁ ଦେଖି ତା' ସହିତ କେହି ଲଢ଼ିବାକୁ ସାହସ କରୁ ନ ଥିଲେ । ବରଂ ସୁବିଧା ଦେଖି ସେ ଜଙ୍ଗଲ ଛାଡ଼ି ଅନ୍ୟ ଜଙ୍ଗଲରେ ଯାଇ ଲୁଚି ରହୁଥିଲେ । ତା'ର ଗର୍ଜନରେ ଜଙ୍ଗଲଟା ଥରି ଯାଉଥିଲା । ତେଣୁ ସେ ମନେ ମନେ ଭାବୁଥିଲା, ମୁଁ ହେଉଛି- ପୃଥିବୀର ସବୁଠାରୁ ଶକ୍ତିଶାଳୀ ଜୀବ । ଏ ଜଙ୍ଗଲଟା କେବଳ ମୋର । ମୁଁ ଚାହିଁଲେ ସବୁ ଜୀବଜନ୍ତୁଙ୍କୁ ମାରିଦେଇପାରିବି । ଜଙ୍ଗଲକୁ ନଷ୍ଟ କରିଦେଇପାରିବି । ଜଙ୍ଗଲରେ ଯାହା କିଛି ଅଛି, ସେ ସବୁ ମୋ ଦୟାରୁ ରହିଛି । ମୋର କେହି କିଛି କ୍ଷତି କରିପାରିବେ ନାହିଁ ।

କିଛିଦିନ ପରେ ଦେଖାଗଲା, ଜଙ୍ଗଲରେ ପଶୁମାନଙ୍କର ସଂଖ୍ୟା କମି ଆସିଲା । ବଡ଼ ବଡ଼ ପଶୁମାନେ ମରି ହଜିଗଲେ । କାଠଚୋରମାନେ କୌଶଳ କରି ଧୀରେ ଧୀରେ ଜଙ୍ଗଲକୁ କାଟି ସଫା କରିଦେଲେ । ଜଙ୍ଗଲ ଭିତରେ କାଠବୁହା ଗାଡ଼ି ଚାଲିଲା । ଶିକାରୀମାନେ ଆସି ବନ୍ଧୁକ ଗୁଳି ଫୁଟେଇଲେ ।

Source: Author, Digitized by PPRACHIN, SOA

ସିଂହ ଭାବୁଥିଲା, ମୋର ଗର୍ଜନ ଶୁଣି ପଶୁପକ୍ଷୀମାନଙ୍କ ଭଳି ମଣିଷ ବି ଡରି ଲୁଚିବେ । ତେଣୁ ଅନ୍ୟ କୌଣସି ବଳବାନ୍ ପଶୁଙ୍କର ସାହାଯ୍ୟ ଦରକାର ନାହିଁ । କିନ୍ତୁ ଠିକ୍ ଦରକାର ବେଳେ ସେ ବୁଝିପାରିଲା ବାଘ, ଭାଲୁ, ହାତୀ, ଗଣ୍ଡା, ଗୟଳ ଭଳି ଅନ୍ୟ ପଶୁମାନେ ଥିଲେ, କାଠଚୋର ଓ ଶିକାରୀମାନେ ଜଙ୍ଗଲ ଭିତରକୁ ପଶି ପାରି ନ ଥା'ନ୍ତେ ।

ରାଜା ହୋଇ ସେ ଯାହାକୁ ଖୋଜିଲା, ତାକୁ ପାଇଲା ନାହିଁ । ମଣିଷର ବନ୍ଧୁକ ଗୁଳିକୁ କାହାର ବା ଡର ନାହିଁ ? ସେ ନିଜେ ମଣିଷ ଭୟରେ ତା' ଗୁମ୍ଫା ଭିତରେ ଲୁଚି ରହିବାକୁ ବାଧ୍ୟ ହେଲା । ଫଳରେ ମଣିଷମାନଙ୍କୁ ଆହୁରି ସୁବିଧା ହେଲା । ସେମାନେ ନିର୍ଭୟରେ ପଶୁମାନଙ୍କୁ ଶିକାର କରି ବଡ଼ ବଡ଼ ଗଛଗୁଡ଼ିକ ହାଣି ନେଇଗଲେ । ଶେଷରେ ଜଙ୍ଗଲ ସଫା ହେଇଗଲା ।

Source: Author, Digitized by PPRACHIN, SOA

ମଣିଷର ବନ୍ଧୁକ ଗୁଳି ଭୟରେ ସିଂହ ପଦାକୁ ବାହାରି ପାରିଲା ନାହିଁ । ଭୋକ ଉପାସରେ ପଡ଼ିରହି ଦିନେ ସିଂହ ଗୁମ୍ଫାରୁ ବାହାରି ଦେଖିଲା, ଜଙ୍ଗଲରେ ଥିବା ବୁଦାରେ ନିଆଁ ଲାଗିଛି । ଅଳ୍ପ ସମୟ ପରେ ତା' ଗୁମ୍ଫାରେ ମଧ୍ୟ ନିଆଁ ପଶିଯିବ । ତେଣୁ ସେ ଜୀବନ ବିକଳେ ଗୁମ୍ଫାରୁ ବାହାରି ପାଣି ପିଇବାକୁ ଝରଣା ଆଡ଼କୁ ଦୌଡ଼ିଲା । କିନ୍ତୁ ଦେଖିଲା ଝରଣାରେ ଆଉ ପାଣି ନାହିଁ । ପାଣି ପିଇବାକୁ ଖୋଜି ଖୋଜି ସେ ହାଲିଆ ହେଇପଡ଼ିଲା ! ଶେଷରେ ଗୋଟାଏ ଗଛମୂଳେ ପଡ଼ିଯାଇ କ'ଣ କରିବ କେମିତି ବଞ୍ଚିବ ସେହି କଥା ଭାବି ହେଉଥାଏ ।

ସେହି ଗଛ ଉପରେ ଦଳେ ମାଙ୍କଡ଼ ବସି ମଜାରେ ଫଳ ଖାଉଥିଲେ । ସେମାନେ ସିଂହର ଅହଂକାର ଫଳରେ କେମିତି ଜଙ୍ଗଲଟା ଛାରଖାର ହେଇଗଲା ସେକଥା ତ ଜାଣିଥିଲେ । ଆଜି ନିଜେ ସିଂହ ରାଜା ଭୋକ ଉପାସରେ କେମିତି ଛଟପଟ ହେଉଛି, ସେ କଥାକୁ ବି ଦେଖିଲେ । ତେଣୁ ମାଙ୍କଡ଼ ଦଳର ଦଳପତି ତା' ପୁଅକୁ କହିଲା- "ବିଚରା, ସିଂହଟା ହେଉଛି ଏ ଜଙ୍ଗଲର ରାଜା । ଆଜି ତା' ନିଜ କଲାକର୍ମ ଫଳରେ ଭୋକରେ ଛଟପଟ ହେଉଛି । ତା' ପ୍ରତି ଟିକେ ଦୟା କରି ନିଜ ଅଇଁଠା ଫଳରୁ ଖଣ୍ଡେ ତଳକୁ ପକେଇ ଦେ । ନ ହେଲେ ସେ ବିଚରା ଭୋକରେ ଛଟପଟ ହେଇ ମରିଯିବ ।"

ଗୋଟାଏ ଛୋଟ ମାଙ୍କଡ଼ କହିଲା- "ନାଇଁ ନାଇଁ, ସେ ପାଣି ଅଭାବରୁ ଶୋଷରେ ଆଉଟୁ ପାଉଟୁ ହେଉଛି, ମୋ ପେଟରେ ବହୁତ ପାଣି ଅଛି । ତାକୁ କୁହ ସେ ଆଁ କରୁ, ମୁଁ ତା' ପାଟିରେ ସେ ପାଣି ଢାଳିବି ।" ମାଙ୍କଡ଼ ଛୁଆର କଥାକୁ ଶୁଣି ସିଂହ କହିଲା- "କିରେ ମାଙ୍କଡ଼ ଛୁଆ ! ତୋର ତ ସାହସ କମ୍ ନୁହଁ ? ମୁଁ ହେଉଛି ଏ ଜଙ୍ଗଲର ରାଜା । ମୁଁ ଚାହିଁଲେ ତୋ ପରି ଶହେଟା ମାଙ୍କଡ଼କୁ ଏକା ଝାମ୍ପରେ ମାରିଦେଇ ପାରେ । ତଳକୁ ଓହ୍ଲା, ଦେଖିବୁ ମୋ ବଳ ।"

Source: Author, Digitized by PPRACHIN, SOA

ମାଙ୍କଡ଼ ଛୁଆଟା ଫେଁ କରି ହସିଦେଇ କହିଲା- "ସିଂହ ରାଜା ! ତମର ଏହି ଅହଂକାର ପାଇଁ ତମର ପ୍ରଜାମାନେ ତ ଜଙ୍ଗଲ ଛାଡ଼ି ଚାଲିଗଲେ । କାଠଚୋର ଆଉ ଶିକାରୀମାନେ ତ ଜଙ୍ଗଲକୁ ସଫା କରିଦେଲେ। ଗଛ ନ ଥିବାରୁ ବର୍ଷାପାଣି କମିଗଲା । ଝରଣାରେ ତ ଆଉ ପାଣି ନାହିଁ । ତଥାପି ତମର ଅହଂକାର ଦୂର ହେଇ ନାହିଁ ? ତମେ ରାଜାହେଇ ବଳବାନ୍ ପଶୁମାନଙ୍କୁ ସିନା ମାରିଦେଇ ପାରିଲ, ଗଛକୁ ଚଢ଼ି ମୋତେ ଧରିପାରିଲେ ଆମେ ଜାଣିବୁ ତମଳ ବଳ ଅଛି । ସାହସ ଅଛି ।"

ସିଂହକୁ ମାଙ୍କଡ଼ ଛୁଆର କଥାଟା କଟା ଘାଆରେ ଚୂନ ଦେବାପରି ଲାଗିଲା । ନିଜର ଭୁଲ୍ ବିଚାର ଓ ମିଛ ଅହଂକାର ପାଇଁ ଏଭଳି ଅଘଟଣ ଘଟିଛି ବୋଲି ଅନୁଭବ କଲା । ନ ହେଲେ ମାଙ୍କଡ଼ ଛୁଆଟା ଏମିତି କଥା କହି ପାରନ୍ତା କି ?

ନିଜ ଜୀବନକୁ ବଞ୍ଚେଇବା ପାଇଁ ସେ ହାତଯୋଡ଼ି କହିଲା- "ଭାଇ ! ତୁ ଦୟାକରି କେଉଁଠୁ ଆଞ୍ଜୁଳାଏ ପାଣି ଆଣି ମୋତେ ଦେ, ମୋ ଜୀବନଟା ଆଗ ରହିଯାଉ । ସତରେ ଜଙ୍ଗଲକୁ ରକ୍ଷା କରିବାପାଇଁ ମୋତେ କିଛି କରିବାକୁ ପଡ଼ିବ, ଆଉ ଅହଂକାର ଗର୍ବ କି ହିଂସାରେ ଜଙ୍ଗଲକୁ ରକ୍ଷା କରାଯାଇପାରିବ ନାହିଁ । ତୁ ଯା', ଜଙ୍ଗଲରେ ଲୁଚିଥିବା ଛୋଟ ବଡ଼ ପଶୁପକ୍ଷୀଙ୍କୁ ଡାକି ଆଣିବୁ । ଯେଉଁମାନେ ଜଙ୍ଗଲ ଛାଡ଼ି ଅନ୍ୟଜାଗାକୁ ପଳାଇଛନ୍ତି ତାଙ୍କୁ ବୁଝେଇଦେବୁ । ମୁଁ ମୋର ଭୁଲ୍ ବୁଝି ପାରିଛି । ଏଥର ଜଙ୍ଗଲକୁ ରକ୍ଷା କରିବାକୁ ହେଲେ, ସମସ୍ତଙ୍କର ସହଯୋଗ ଦରକାର । ମୁଁ ଆଉ କୌଣସି ପଶୁଙ୍କୁ ମାରିବି ନାହିଁ । ମୋର ଅହଂକାର ଆଉ ବଳ ଉପରେ ବିଶ୍ୱାସ ନାହିଁ । ପ୍ରଜାମାନଙ୍କର ସହଯୋଗ ଏବଂ ମଙ୍ଗଳ ହେଉଛି, ମୋର ସବୁକିଛି । ଆଜି ତୁ ମୋର ଆଖି ଖୋଲି ଦେଇଛୁ । ମୋ ଆଖିରୁ ଅହଂକାର ଅନ୍ଧପୁଟୁଳିକୁ ତୋ ଛୁଆମାନେ ଖୋଲି

Source: Author, Digitized by PPRACHIN, SOA

ଦେଇଛନ୍ତି । ମୁଁ ଶପଥ କରୁଛି, ପ୍ରଜାମାନଙ୍କୁ ମୁଁ ମୋ ସନ୍ତାନ ଭଳି ସ୍ନେହ ଦେଇ ପାରିବି । ଜଙ୍ଗଲକୁ ରକ୍ଷା କରିବା ହେବ ମୋର ପ୍ରଥମ କାମ । ପ୍ରଜାମାନଙ୍କୁ ଛାଡ଼ି ରଜା ହେବାରେ ମଜା ନାହିଁ । ମୁଁ ମୋର ଭୁଲ୍ ବୁଝି ପାରିଛି ।”

ସିଂହର କଥା ଶୁଣି ମାଙ୍କଡ଼ ଦଳ ଜଙ୍ଗଲ ସାରା ବୁଲି ବୁଲି ସମସ୍ତଙ୍କ ଅନୁତାପ କଥା ଜଣାଇଦେଲେ । ପଶୁପକ୍ଷୀମାନେ ଜଙ୍ଗଲକୁ ଫେରିଆସିଲେ । ମାଙ୍କଡ଼ମାନଙ୍କ କଥା ଶୁଣି ଅଳ୍ପ ଦିନରେ ଉଜୁଡ଼ି ଯାଇଥିବା ଜଙ୍ଗଲରେ ପୁଣି ନୂଆ ଗଛ ଉଠିଲା । ଶିକାରୀ ଆଉ କାଠଚୋରମାନେ ଜଙ୍ଗଲ ଭିତରକୁ ଆସିବାକୁ ଭୟ କଲେ । ଏଥର ସମସ୍ତେ ମିଳିମିଶି ଜଙ୍ଗଲରେ ଖୁସିରେ ରହିଲେ ।

■■■

Source: Author, Digitized by PPRACHIN, SOA

Source: Author, Digitized by PPRACHIN, SOA